Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:327✦27 March 2026 (Friday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୩୨୭✦୨୭ ମାର୍ଚ୍ଚ ୨୦୨୬ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ମଧ୍ୟପ୍ରାଚ୍ୟ ଯୁଦ୍ଧର ବିସ୍ଫୋରକ ମୋଡ଼ :

୧୫ ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବକୁ ତେହେରାନର ପ୍ରତ୍ୟାଖ୍ୟାନ

ତେଲ୍‌ଅ ଭିଭ୍/ତେହେରାନ,୨୬/୩: ମଧ୍ୟପ୍ରାଚ୍ୟ ସଂଘର୍ଷର ୨୬ତମ ଦିବସରେ ଏହି ଯୁଦ୍ଧ ଏକ ବହୁମୁଖୀ ରଣକ୍ଷେତ୍ରରେ ପରିଣତ ହୋଇଛି । ଆମେରିକା ଓ ଇସ୍ରାଏଲର ମିଳିତ ବିମାନ ଆକ୍ରମଣ ଇରାନର ସାମରିକ ଭିତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରୁଥିବାବେଳେ, ତେହେରାନ ୱାସିଂଟନର ୧୫ ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛି । ସାଂପ୍ରତିକ ସାମରିକ ସଙ୍କଟ ଏବଂ ୱାସିଂଟନର କୂଟନୈତିକ ପ୍ରୟାସ ଏବେ ଏକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇଛି, ଯାହା ଆଂଚଳିକ ଶକ୍ତି ସୁରକ୍ଷାକୁ ସମ୍ପୂର୍ଣ୍ଣ ରୂପେ ବିପନ୍ନ କରିବା ସହ ଏକ ଦୀର୍ଘକାଳୀନ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି । ଆଜି ଆମେରିକୀୟ ଯୁଦ୍ଧପୋତ 'ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ' ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରି ଆଗକୁ ଭୀଷଣ ଲଢ଼େଇ ପାଇଁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି । ବର୍ତ୍ତମାନର ସ୍ଥିତି ସୂଚାଉଛି ଯେ, ଗୋଟିଏ ପଟେ ଆମେରିକା ଶାନ୍ତି ପ୍ରସ୍ତାବ ଦେଉଥିବା ବେଳେ ଅନ୍ୟପଟେ ଯୁଦ୍ଧକ୍ଷେତ୍ରର ବାସ୍ତବତା କୌଣସି ସମାଧାନ ଆଡ଼କୁ ଯାଉନାହିଁ । ଆମେରିକା ଓ ଇସ୍ରାଏଲର ମିଳିତ ବାହିନୀ ଆଜି ତେହେରାନ, ଇସଫାହାନ ଓ ବୁସେହର ସମେତ ଇରାନର ଅନେକ ଅଂଚଳରେ ଗୁରୁତ୍ୱପୂର୍ଣ୍ଣ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଇରାନର ବୁସେହର ପରମାଣୁ ବିଦ୍ୟୁତ୍ କେନ୍ଦ୍ରକୁ ଏକ କ୍ଷେପଣାସ୍ତ୍ର ଟାର୍ଗେଟ କରିଛି । ଯଦିଓ ଏହି ଆକ୍ରମଣ ଯୋଗୁଁ କୌଣସି ବିକିରଣ ହୋଇନାହିଁ, ତଥାପି ଏହା ପରମାଣୁ ନିରାପତ୍ତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି । ଏହା ପୂର୍ବରୁ ନାଟାଞ୍ଜ ପରମାଣୁ କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ ହୋଇଥିଲା, ଯେଉଁଥିରେ ସେଠାରେ ଥିବା ଭୂତଳ ହଲ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବ୍ୟାପକ କ୍ଷତି ହୋଇଥିବା ଆଇଏଇଏ ପକ୍ଷରୁ ନିଶ୍ଚିତ କରାଯାଇଛି । ଏହି ଆକ୍ରମଣଗୁଡ଼ିକ ଇରାନର ୟୁରାନିୟମ ସମୃଦ୍ଧକରଣ କ୍ଷମତାକୁ ବହୁଳ ଭାବେ ପ୍ରଭାବିତ କରିଛି । ଏହି ସଂଘର୍ଷର ତାତି ଉପସାଗରୀୟ ଅଂଚଳରେ ମଧ୍ୟ ଅନୁଭୂତ ହୋଇଛି । ଆଜି ସକାଳେ କୁଏତ ଅନ୍ତର୍ଜାତୀୟ ବିମାନବନ୍ଦରର ଏକ ଇନ୍ଧନ ଡିପୋ ଉପରେ ଇରାନୀୟ ଡ୍ରୋନ୍ ଆକ୍ରମଣ ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ସୌଭାଗ୍ୟବଶତଃ, ଏହି ଘଟଣାରେ କୌଣସି ପ୍ରାଣହାନି ହୋଇନାହିଁ, କିନ୍ତୁ ବିମାନବନ୍ଦରର ରାଡାର ସିଷ୍ଟମ ଏବଂ ଇନ୍ଧନ ଟ୍ୟାଙ୍କଗୁଡ଼ିକର ବ୍ୟାପକ କ୍ଷତି ହୋଇଛି । ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଏହା କୁଏତର ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଉପରେ ଏକ ସିଧାସଳଖ ପ୍ରହାର ବୋଲି କୁହାଯାଉଛି । ଏଥିସହିତ, ଇରାକରେ ଥିବା ପିଏମଏଫ୍ ବେସ୍ ଉପରେ ଆମେରିକା ପକ୍ଷରୁ ଆକ୍ରମଣ କରାଯାଇଛି, ଯେଉଁଥିରେ ପ୍ରାୟ ୧୫ ଜଣ ସୈନ୍ୟଙ୍କ ମୃତ୍ୟୁ ହୋଇଛି । ଟ୍ରମ୍ପ ପ୍ରଶାସନ ପକ୍ଷରୁ ପାକିସ୍ତାନ ମାଧ୍ୟମରେ ଦିଆଯାଇଥିବା ୧୫ ସୂତ୍ରୀ ପ୍ରସ୍ତାବରେ ଇରାନର ସମସ୍ତ ପରମାଣୁ କେନ୍ଦ୍ରକୁ ସ୍ଥାୟୀ ଭାବେ ବନ୍ଦ କରିବା ଏବଂ ବାଲିଷ୍ଟିକ୍ ମିସାଇଲ୍ ବିକାଶ କାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ କରିବାକୁ ଦାବି କରାଯାଇଛି । ଭବିଷ୍ୟତରେ କୌଣସି ପରମାଣୁ ଅସ୍ତ୍ର ବିକାଶ ଇରାନ କରିବ ନାହିଁ ବୋଲି ଚୁକ୍ତି କରିବା ପାଇଁ ମଧ୍ୟ କୁହାଯାଇଛି । ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ପାଇଁ ଇରାନ ଏକ 'ବଡ଼ ଉପହାର' ବା ରିହାତି ଦେଇଛି । କିନ୍ତୁ ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହାକୁ ଟ୍ରମ୍ପଙ୍କ ଭ୍ରମ ବୋଲି କହି ପ୍ରତ୍ୟାଖ୍ୟାନ କରିଛି । ତେହେରାନ ସ୍ପଷ୍ଟ କରିଛି ଯେ ଆକ୍ରମଣ ଜାରି ରହିଥିବା ପର୍ଯ୍ୟନ୍ତ କୌଣସି ଆଲୋଚନା ସମ୍ଭବ ନୁହେଁ । ଟ୍ରମ୍ପ କେବଳ ନିଜର ବିଫଳତାକୁ ଲୁଚାଇବା ପାଇଁ ନିଜ ସହ ନିଜେ ଶାନ୍ତି ଆଲୋଚନା କରୁଛନ୍ତି ବୋଲି ବୟାନ ଦେଇ ଇରାନ ସେନା ଟ୍ରମ୍ପଙ୍କୁ ପରିହାସ କରିଛି । ଏହା ସହିତ ଯୁଦ୍ଧବିରତି ପାଇଁ ଇରାନ ମଧ୍ୟ ନିଜର ସର୍ତ୍ତାବଳୀ ଆମେରିକାକୁ ପ୍ରଦାନ କରିଛି । ଇରାନର ପ୍ରମୁଖ ପାଂଚଟି ଦାବି ହେଉଛି : ୧) ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧର ତୁରନ୍ତ ସମାପ୍ତି । ୨) ଆମେରିକା ଭବିଷ୍ୟତରେ ଇରାନ ବିରୋଧରେ ସାମରିକଆକ୍ରମଣ ନ କରିବାର ଗ୍ୟାରେଣ୍ଟି । ୩) ସଂଘର୍ଷ ସମୟରେ ହୋଇଥିବା କ୍ଷୟକ୍ଷତି ପାଇଁ ଆର୍ଥିକ କ୍ଷତିପୂରଣ । ୪) ହର୍ମୁଜ ପ୍ରଣାଳୀ ଉପରେ ଆନୁଷ୍ଠାନିକ ନିୟନ୍ତ୍ରଣ ଓ ଶୁଳ୍କ ଆଦାୟକୁ ଅନୁମତି । ୫) ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଜାରି ରଖିବାକୁ ଅନୁମତି । ଅନ୍ୟପକ୍ଷରେ ଇରାନର ଦାବିକୁ ଅଣଦେଖା କରି ସାମରିକ ପ୍ରସ୍ତୁତି ସ୍ୱରୂପ ପେଟାଂଗନ ଉପସାଗରୀୟ ଅଂଚଳକୁ ଅଧିକ ସୈନ୍ୟ ପଠାଇବା ଜାରି ରଖିଛି, ଯେଉଁଥିରେ ୮୨ତମ ଏୟାରବର୍ଣ୍ଣ ଡିଭିଜନର ସୈନ୍ୟମାନେ ସାମିଲ ଅଛନ୍ତି ।

'ଏବେ ଲକଡାଉନ୍ ନୁହେଁ', ଯୁଦ୍ଧ ଭିତରେ ଭାରତ ତିଆରି କଲା 'ଧୁରନ୍ଧର ଟିମ୍'

ଏମର୍ଜେନ୍ସି ମୋଡ୍‌ରେ ପାକିସ୍ତାନ-ବାଂଲାଦେଶ

ନୂଆଦିଲ୍ଲୀ,୨୬।୩: ଭାରତ ପଶ୍ଚିମ ଏସିଆ ଯୁଦ୍ଧ ଭିତରେ ତେଲ ଓ ଗ୍ୟାସ୍ ସପ୍ଲାଇ ବନ୍ଦ ହେବାପରେ କୌଣସି ପ୍ରକାର ବିଶୃଙ୍ଖଳାରୁ ବଚିଂବା ପାଇଁ ବଡ଼ ପଦକ୍ଷେପ ଗ୍ରହଣ କରିଛି । କରୋନା ଭଳି ଚ୍ୟାଲେଞ୍ଜ ବେଳେ ପ୍ରସ୍ତୁତି ପାଇଁ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦରେ ୭ ଏମ୍ପାୟର୍ଡ଼ ଗ୍ରୁପ୍ ତିଆରି କରିବାର ଘୋଷଣା କରିଛନ୍ତି । ଯାହାର ମଡେଲ କରୋନା କାଳର ଟିମ୍ ଭଳି ହେବ । ଦେଶରେ ଲକଡାଉନ୍ ଭଳି ସ୍ଥିତି ଯେପରି ସୃଷ୍ଟି ନହେବ ଭାରତ ଏଥିପାଇଁ ମଜବୁତ ରଣନୀତି ତିଆରି କରି ତାଉପରେ କାମ କରିବା ଆରମ୍ଭ କରିଦେଇଛି । ସେଭଳି ପାକିସ୍ତାନ-ବାଂଲାଦେଶ ଓ ଶ୍ରୀଲଙ୍କା ଏମର୍ଜେନ୍ସି ମୋଡ୍‌ରେ ଚାଲି ଆସିଛି । -ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦରେ କହିଥିଲେ,ପଶ୍ଚିମ ଏସିଆ ସଙ୍କଟର ମୁକାବିଲା ପାଇଁ ସିନିୟର ଅଫିସର ଓ ବିଶେଷଜ୍ଞଙ୍କ ୭ ସଶକ୍ତ ଗ୍ରୁପ୍ ତିଆରି କରାଯାଇଛି । -ଯେଉଁ 'ଧୂରନ୍ଦର' ଟିମ୍ ତିଆରି କରାଯାଇଛି,ତା'ର ମଡେଲ କରୋନା କାଳ ବଳି ରହିଛି । ଯାହାକି ପେଟ୍ରୋଲ,ଡିଜେଲ,ଖାଦ୍ୟ,ନାଚୁରାଲ ଗ୍ୟାସ୍, ସପ୍ଲାଇ ଚେନ୍ ଓ ଦରଦାମ୍ ବୃଦ୍ଧି ଭଳି ବିପଦର ମୁକାବିଲା ପାଇଁ ତିଆରି କରାଯାଇଛି । ନିକଟରେ ଅନ୍ତର୍ଜାତୀୟ ସ୍ତରରେ ତେିଳ ଦାମ୍ ୧୧୨ ଡଲାର ପ୍ରତି ବ୍ୟାରେଲରେ ପହଁଚିଂଥିଲା । ତିନି ପ୍ରକାର ଷ୍ଟ୍ରାଟେଜି ଉପରେ କାମ କରିବ ଏହି ଟିମ୍ । -ଏହି ଟିମ୍ ସର୍ଟ ଟର୍ମ, ମିଡିୟମ ଟର୍ମ ଓ ଲଙ୍ଗ ଟର୍ମ ଷ୍ଟ୍ରାଟେଜି ପାଇଁ ତିଆରି କରାଯାଇଛି । ଏହି ଗ୍ରୁପ୍ ଏନର୍ଜୀ ପ୍ରଡକ୍ଟ ପାଇଁ ବୈକଳ୍ପିକ ଆମଦାନୀ ସ୍ରୋତର ସନ୍ଧାନ କରିବ ।-ଏହି ଗ୍ରୁପ୍ ଘରୋଇ ଉପଲବ୍ଧତା ଉପରେ ମଧ୍ୟ ନଜର ରଖିବ ଓ ଏହା କୌଣସି ବାଧାରୁ ରକ୍ଷା ପାଇବା ପାଇଁ କିଛି ଉପାୟ ଉପରେ ଖୋଲାଖୋଲି ପରାମର୍ଶ ଦେବ । ଏହା ସହିତ ମଧ୍ୟ ମାର୍କେଟରେ କଳ ବଜାରୀ ଓ ଜାମଖୋରି ଉପରେ ଲଗାମ ଲଗାଇବ । -ଏହି ଗ୍ରୁପ୍ ଘରୋଇ ଉପଲବ୍ଧତା ଉପରେ ମଧ୍ୟ ନଜର ରଖିବ ଓ ଏହା କୌଣସି ବାଧାରୁ ବଚିଂବା ପାଇଁ କିଛି ଉପାୟ ବିଷୟରେ ପରାମର୍ଶ ଦେବ ।

ଡିସେମ୍ବର ୨୪ରେ ବାରବାଟୀ ଟି-୨୦

କଟକ,୨୬/୩(ନି/ପ୍ର): କଟକର ଐତିହାସିକ ବାରବାଟୀ ଷ୍ଟାଡିୟମକୁ ଫେରିବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟର ରୋମାଂଚ । ଡିସେମ୍ବର ୨୪ ତାରିଖରେ ବାରବାଟୀରେ ଟି-୨୦ ମ୍ୟାଚ୍ ଖେଳାଯିବ । ଦୀର୍ଘ ଦିନର ବ୍ୟବଧାନ ପରେ ବାରବାଟୀରେ ଭାରତ ଓ ଶ୍ରୀଲଙ୍କା ପରସ୍ପରର ସାମ୍ନା କରିବେ । ୨୦୨୬-୨୭ ପାଇଁ ବିସିସିଆଇ ଖେଳସୂଚୀରୁ ସ୍ପଷ୍ଟ ହୋଇଛି । ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ । ଶ୍ରୀଲଙ୍କା ଭାରତ ଗସ୍ତରେ ଆସି ୩ଟି ଓଡିଆଇ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ । ୩ ମ୍ୟାଚ୍ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବାରବାଟୀରେ ଖେଳିବ । ରାଜକୋଟରେ ଶ୍ରୀଲଙ୍କା ପ୍ରଥମ ଓ ପୁଣେରେ ତୃତୀୟ ଟି-୨୦ ଖେଳିବ ।

ବିରୋଧୀଙ୍କ ହଟ୍ଟଗୋଳ :

ସୋମବାର ଯାଏଁ ବିଧାନସଭା ମୁଲତବୀ

ଭୁବନେଶ୍ୱର,୨୬/୩(ନି/ପ୍ର): ଆସନ୍ତା ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ । ବିରୋଧୀଙ୍କ ହଟ୍ଟଗୋଳ ଭିତରେ ସୋମବାର ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କରାଯାଇଛି । ଆଜି ମଧ୍ୟ ଚାଲିପାରିନି ବିଧାନସଭା । ପ୍ରଶ୍ନକାଳ ଆରମ୍ଭରୁ ଗୃହରେ ଏସସିବି ଅଗ୍ନିକାଣ୍ଡ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗକୁ ନେଇ ବିରୋଧୀମାନେ ପ୍ରବଳ ହଟ୍ଟଗୋଳ କରିଥିଲେ । ଯାହାକୁ ନେଇ ବାଚସ୍ପତି ସାଢେ ୧୧ଟା ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ବିଧାନସଭା ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଥିଲେ । ଏବଂ ଏସସିବି ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ତେବେ ଗତ ୧୭ ତାରିଖରୁ ଏସ୍‌ସିବି ମେଡ଼ିକାଲ ଅଗ୍ନିକାଣ୍ଡ ପ୍ରସଙ୍ଗକୁ ନେଇ ଲଗାତାର ଭାବେ ବିରୋଧୀମାନେ ଗୃହରେ ହଟ୍ଟଗୋଳ କରିଆସୁଛନ୍ତି । ଏସ୍ ?ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରୁ ଓହରୁ ନାହାନ୍ତି ବିରୋଧୀ । ପ୍ରତିଦିନ ପ୍ରତିବାଦର ନୂଆ ନୂଆ ତରିକା ଆପଣାଉଛନ୍ତି ।

ଆନ୍ଧ୍ରପ୍ରଦେଶରେ ଭୟଙ୍କର ସଡ଼କ ଦୁର୍ଘଟଣା

ବସକୁ ଧକ୍କା ଦେଲା ଟ୍ରକ୍, ୧୦ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ,୨୬/୩:ଆନ୍ଧ୍ରପ୍ରଦେଶର ମାର୍କପୁରମରେ ଭୟଙ୍କର ସଡ଼କ ଦୁର୍ଘଟଣା । ବସକୁ ଧକ୍କା ଦେଲା ଟ୍ରକ୍। ଫଳରେ ୧୦ ଜଣ ଜୀବନ୍ତ ଦଗ୍ଧ । ଏନେଇ ଖବର ପାଇ ପୁଲିସ ଏବଂ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି । ରିପୋର୍ଟ ଅନୁଯାୟୀ, ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ବସ୍ ଟି ଏକ ଟ୍ରକ ସହିତ ଧକ୍କା ହୋଇଥିଲା, ଯାହା ପରେ ଡିଭାଇଡରରେ ଧକ୍କା ହୋଇ ଓଲଟି ପଡ଼ିଥିଲା । ବସ୍ ଟି ହଠାତ୍ ନିଆଁ ଲାଗିଯାଇଥିଲା, ଯାହା ଫଳରେ ଯାତ୍ରୀମାନେ ଖସି ପଳାଇ ପାରି ନଥିଲେ । ଦୁର୍ଘଟଣାରେ ଦଶ ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ ଅନୁସାରେ, ଆହତମାନେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ହାଇଦ୍ରାବାଦରୁ ପାମୁର ଯାଉଥିବା ଘରୋଇ ଟ୍ରାଭେଲ ବସକୁ ଚିମାକୁର୍ତିରୁ ପଥର ବୋଝେଇ କରି ନେଉଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା । ଧକ୍କା ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗି ପାଉଁଶ ହୋଇଯାଇଥିଲା । ରିପୋର୍ଟ ଅନୁଯାୟୀ ଏହି ଘରୋଇ ଟ୍ରାଭେଲ୍ ବସ୍ରେ ପ୍ରାୟ ୪୦ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରୁ ୧୦ ଜଣ ପୋଡ଼ି ମୃତ୍ୟୁବରଣ କରିଛନ୍ତି ।

ଟ୍ରାକ୍ଟର ପଛପଟୁ ଧକ୍କା ଦେଲା ବାଇକ, ୧ ମୃତ

ଜୟପୁର,୨୬/୩(ନି/ପ୍ର): ଟ୍ରାକ୍ଟରକୁ ଧକ୍କା ଦେଲା ବାଇକ ଫଳରେ ବାଇକ ଚାଳକ ଜଣକ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ବାଣୁଆଗୁଡା ଅଂଚଳର ମଧୁ ମୁଦୁଲି । ସୁଚନା ଅନୁଯାଇ କୁନ୍ଦୁରା ଥାନାର ବାଣୁଆଗୁଡା ଅଂଚଳର ତୁଳା ରାମ ମୁଦୁଲି ଜୟପୁର ସଦର ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଭାଇ ମଧୁ ମୁଦୁଲି ଜୟପୁରରୁ କାମ ସାରି ବାଇକରେ ଘରକୁ ଫେରୁ ଥିବା ବେଳେ ଘାଟ ବାଗ୍ରା ନିକଟରେ ଠିଆ ହୋଇଥିବା ଟ୍ରାକ୍ଟରକୁ ପଛପଟେ ଧକ୍କା ଦେଇଥିଲେ । ଫଳରେ ମଧୁର ମୁଣ୍ଡରେ ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ଉଦ୍ଧାର କରି ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ ।

ଟ୍ରମ୍ପଙ୍କୁ ପୁଣି ଝଟକା ଦେଲା ଇରାନ :

କହିଲା ଭାରତ ମହାସାଗରରେ ଖସାଇଛୁ ଏଫ୍-୧୮ ଲଢୁଆ ବିମାନ

ତେହେରାନ,୨୬/୩: ମଧ୍ୟପ୍ରାଚ୍ୟରେ ବଢୁଥିବା ଉତେଜନା ମଧ୍ୟରେ, ଆମେରିକାକୁ ଇରାନ ପୁଣି ଏକ ଝଟଖା ଦେଇଛି । ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଦାବି କରିଛି ଯେ ସେମାନେ ଏକ ଆମେରିକୀୟ ଏଫ୍-୧୮ ଲଢୁଆ ବିମାନକୁ ସଫଳତାର ସହ ଟାର୍ଗେଟ କରିଛନ୍ତି । ଇରାନୀ ଅଧିକାରୀଙ୍କ ଅନୁଯାୟୀ, ଚାବାହାର ନିକଟରେ ନିୟୋଜିତ ସେମାନଙ୍କର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଲଢୁଆ ବିମାନକୁ ଗୁଳି କରି ଖସାଇ ଦେଇଛି । ଆକ୍ରମଣ ପରେ ଆମେରିକାର ଲଢୁଆ ବିମାନଟି ଭାରତ ମହାସାଗରରେ ଖସି ପଡ଼ିଥିବା ଆଇଆରଜିସି ରିପୋର୍ଟ କରିଛି । ଏହି ଘଟଣାର ଭିଡିଓ ଜାରି କରାଯାଇଛି । ଇରାନର ସରକାରୀ ଚ୍ୟାନେଲ ପ୍ରେସ୍ ଟିଭି ଦ୍ୱାରା ସେୟାର କରାଯାଇଥିବା ଫୁଟେଜରେ ଏକ ଲଢୁଆ ବିମାନ ଉଡ଼ାଣ କରୁଥିବା ଦେଖାଯାଉଛି । ହଠାତ୍ ବିମାନ ନିକଟରେ ଏକ ବିସ୍ଫୋରଣ ହେଉଥିବା ଦେଖାଯାଉଛି, ଯାହା ସୂଚାଇ ଦେଉଛି ମଝି ଆକାଶରେ ବିମାନକୁ କ୍ଷେପଣାସ୍ତ୍ର ମାଡ଼ ହୋଇଛି । କିଛି ସମୟ ପରେ, ବିମାନଟି ନିୟନ୍ତ୍ରଣ ହରାଉଛି । ଜାରି ହୋଇଥିବା ଭିଡ଼ିଓରେ ବିମାନରୁ କିଛି ଅଲଗା ହେଉଛି । ଦେଖାଯାଉଛି, ପାଇଲଟ୍ ପାରାଚୁଟ୍ ସାହାଯ୍ୟରେ ବାହାରକୁ ବାହାରି ଯାଉଛନ୍ତି । ତେବେ ଆମେରିକା ଏହି ସମସ୍ତ ଦାବିକୁ ଦୃଢ଼ ଭାବରେ ଅସ୍ୱୀକାର କରିଛି । ଆମେରିକୀୟ ସେନାର ଯୁକ୍ତରାଷ୍ଟ୍ର କେନ୍ଦ୍ରୀୟ କମାଣ୍ଡ (ସେଂଟକମ୍) ଦାବି କରିଛି ଆମର କୌଣସି ଯୁଦ୍ଧ ବିମାନକୁ ଗୁଳି କରି ଖସା ଯାଇ ନାହିଁ କିମ୍ବା କ୍ଷତିଗ୍ରସ୍ତ କରାଯାଇ ନାହିଁ । ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଦାବି ଏବଂ ଅସ୍ୱୀକାର ସ୍ଥିତି ଯୋଗୁ କିଏ ସତ କହୁଛି କିଏ ମିଛ ତାହା ଜାଣିବା କଷ୍ଟକର ହେବାରେ ଲାଗିଛି ।

ଭାରତ ପାଇଁ ହରମୁଜ୍ ଖୋଲିଲା :

୫ ବନ୍ଧୁ ରାଷ୍ଟ୍ର ଜାହାଜକୁ କରାଯିବନି ଅବରୋଧ

ତେହେରାନ,୨୬/୩: ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ବିବାଦ ମଧ୍ୟରେ, ଇରାନ ଘୋଷଣା କରିଛି, ହର୍ମୁଜ୍ ପ୍ରଣାଳୀରେ ଭାରତ ସମେତ ୫ଟି ବନ୍ଧୁ ରାଷ୍ଟ୍ରର ଜାହାଜ ଉପରେ ଅବରୋଧ ଲଗାଯିବ ନାହିଁ । ଭାରତ ବ୍ୟତୀତ, ରୁଷ, ଚୀନ୍, ପାକିସ୍ତାନ ଏବଂ ଇରାକର ଜାହାଜଗୁଡ଼ିକୁ ସୁରକ୍ଷିତ ଭାବେ ଯିବାକୁ ଅନୁମତି ଦିଆଯାଇଛି । ଇରାନର ସରକାରୀ ଟିଭି ସହିତ ଏକ ସାକ୍ଷାତକାରରେ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇନାହିଁ, କାରଣ ଇରାନ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଅନେକ ରାଷ୍ଟ୍ରର ଜାହାଜଗୁଡ଼ିକୁ ଏହା ଦେଇ ଯିବାକୁ ଅନୁମତି ଦିଆଯାଇଛି । ଅନେକ ଜାହାଜ ମାଲିକ, କିମ୍ବା ଜାହାଜଗୁଡ଼ିକର ମାଲିକ ଥିବା ଦେଶମାନେ ଆମ ସହିତ ଯୋଗାଯୋଗ କରିଛନ୍ତି ଏବଂ ଅନୁରୋଧ କରିଛନ୍ତି ଯେ ଆମେ ଏହି ପ୍ରଣାଳୀ ଦେଇ ସେମାନଙ୍କର ସୁରକ୍ଷିତ ପଥ ସୁନିଶ୍ଚିତ କରିବା ଆବଶ୍ୟକ । ଆମେ ବନ୍ଧୁତ୍ୱପୂର୍ଣ୍ଣ ବୋଲି ବିଚାର କରୁଥିବା ଦେଶଗୁଡ଼ିକ ମଧ୍ୟରୁ କେତେକଙ୍କ ପାଇଁ ଏପରି କରିବାକୁ ନିଷ୍ପତ୍ତି ନେଇଛୁ । ଆମର ସଶସ୍ତ୍ର ବାହିନୀ ସୁରକ୍ଷିତ ପଥ ପ୍ରଦାନ ଜାରି ରଖିଛନ୍ତି । ଯେଉଁମାନଙ୍କର ଜାହାଜ ଏହି ପଥ ଦେଇ ଯାଇଛି, ସେସବୁ ବନ୍ଧୁ ଦେଶଗୁଡ଼ିକ ଆମ ସହିତ କଥା ହୋଇଛନ୍ତି । ସେମାନେ ଆମ ସହିତ ସମନ୍ୱୟ ରକ୍ଷା କରିଛନ୍ତି । ଏହା ଭବିଷ୍ୟତରେ ଯୁଦ୍ଧ ପରେ ମଧ୍ୟ ଜାରି ରହିବ ବୋଲି ସେ କହିଛନ୍ତି । ସେ ଦୃଢ଼ ଭାବରେ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟ ବିବାଦରେ ଭୂମିକା ଗ୍ରହଣ କରୁଥିବା ଆମେରିକା, ଇସ୍ରାଏଲ ଏବଂ ଉପସାଗରୀୟ ରାଷ୍ଟ୍ରଗୁଡ଼ିକର ଜାହାଜଗୁଡ଼ିକୁ ଯୁଦ୍ଧଗ୍ରସ୍ତ ପ୍ରଣାଳୀ ଦେଇ ପରିବହନ ପାଇଁ ସବୁଜ ସଙ୍କେତ ଦିଆଯିବ ନାହିଁ । ଆମେ ଯୁଦ୍ଧ ପରିସ୍ଥିତିରେ ଅଛୁ । ଏହି ଅଂଚଳ ଏକ ଯୁଦ୍ଧ କ୍ଷେତ୍ର । ଆମର ଶତ୍ରୁ ଏବଂ ସେମାନଙ୍କ ସହଯୋଗୀଙ୍କ ଜାହାଜଗୁଡ଼ିକୁ ଏହି ପଥ ଦେଇ ଯିବାକୁ ଅନୁମତି ଦେବାର କୌଣସି କାରଣ ନାହିଁ । କିନ୍ତୁ ଏହା ଅନ୍ୟମାନଙ୍କ ପାଇଁ ଖୋଲା ରହିଛି । ମୁମ୍ବାଇରେ ଇରାନର କନସୁଲେଟ୍ ଜେନେରାଲ ଏକ ପୋଷ୍ଟରେ ଇରାନର ବୈଦେଶିକ ମନ୍ତ୍ରୀଙ୍କ ବିବୃତିକୁ ଦୋହରାଇ ଏହାକୁ ନିଶ୍ଚିତ କରିଛନ୍ତି ।

ନିରବ ମୋଦୀଙ୍କ ଆବେଦନ କୋର୍ଟରେ ଖାରଜ

ଲଣ୍ଡନ,୨୬/୩: ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି)ରେ ହୋଇଥିବା ୧୪ ହଜାର କୋଟି ଟଙ୍କା ଠକେଇର ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ହୀରା ବ୍ୟବସାୟୀ ନିରବ ମୋଦୀ ପ୍ରତ୍ୟର୍ପଣ ମାମଲାକୁ ପୁଣି ଥରେ ଖୋଲିବା ପାଇଁ କରିଥିବା ଆବେଦନକୁ ଲଣ୍ଡନ ହାଇକୋର୍ଟ ଖାରଜ କରିଦେଇଛନ୍ତି । ଏହି ମାମଲାର ଶୁଣାଣି ପାଇଁ ସିବିଆଇର ତଦନ୍ତ ଅଧିକାରୀମାନେ ଲଣ୍ଡନ ଯାତ୍ରା କରିଥିଲେ । ମାରଣାସ୍ତ୍ର ଡିଲର ସଞ୍ଜୟ ଭଣ୍ଡାରୀ ମାମଲାରେ ଦିଆଯାଇଥିବା ରାୟ ଆଧାରରେ ନିରବ ମୋଦୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ଉପଯୁକ୍ତ ବିତର୍କ ଜରିଆରେ ସେହି ଆବେଦନକୁ ଖାରଜ କରାଯାଇଛି ବୋଲି ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି । ପିଏନ୍ ?ବି ଠକେଇର ପର୍ଦ୍ଦାଫାସ ହେବା ପୂର୍ବରୁ ନିରବ ଲୁଚି ବ୍ରିଟେନ ଚାଲିଯାଇଥିଲେ । ସେଠାରେ ୨୦୧୯ରେ ତାଙ୍କୁ ଗିରଫ କରାଯାଇଥିଲା । ସେହିଦିନଠାରୁ ସେ ଲଣ୍ଡନର ଏକ ଜେଲ୍‌ରେ ରହୁଛନ୍ତି । ତାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତୀୟ ତଦନ୍ତ ଏଜେନ୍ସି ସବୁ ପ୍ରକାର ପ୍ରୟାସ କରୁଛନ୍ତି । ଭାରତୀୟ ଜେଲ୍‌ରେ ଖରାପ ଆଚରଣ ପ୍ରଦର୍ଶନ କରାଯାଉଥିବା ବାହାନା କରି ପ୍ରତ୍ୟର୍ପଣକୁ ରୋକିବା ଲାଗି ନିରବ କରିଥିବା ଉଦ୍ୟମ ବିଫଳ ହୋଇଛି । ଆଇନଗତ ପ୍ରକ୍ରିୟା ଲାଗି ତାଙ୍କ ଭାରତ ପ୍ରତ୍ୟର୍ପଣ ବିଳମ୍ବ ହେଉଛି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ କୁଇଜ୍ ପ୍ରତିଯୋଗିତା

କେନ୍ଦୁଝର,୨୬/୩(ନି/ପ୍ର): ସ୍ଥାନୀୟ ଏନ୍.ଏସ୍. ପୋଲିସ୍ ହାଇସ୍କୁଲ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲ୍ଲା ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଏବଂ କୁଇଜ୍ ପ୍ରତିଯୋଗିତା ମଙ୍ଗଳବାରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗଦେଇ ବିଜ୍ଞାନକୁ ଆମର ବିକାଶ କ୍ଷେତ୍ରରେ କିପରି ବିନିଯୋଗ କରାଯାଇ ପାରିବ ସେଥିପାଇଁ ଉଦ୍ୟମ କରାଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ସଦର ବ୍ଲକ୍ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ, ଏନ୍.ଏସ୍.ପୋଲିସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଲା ରାଉତ ଯୋଗଦେଇ ମଣିଷ ଜୀବନରେ ଉନ୍ନତି ଆଣିବାରେ ବିଜ୍ଞାନର ଯଥେଷ୍ଟ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗ ଦେଇ ସାମ୍ପ୍ରତିକ ଯୁଗରେ ବିଜ୍ଞାନର ଆବଶ୍ୟକତା ଓ ଏହାର ସୁବିନିଯୋଗକୁ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିବା ସହ ଗବେଷଣାରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ, ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଯୋଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା, ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ଏନ୍.ଏସ୍.ପୋଲିସ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେଲା ରାଉତ ପ୍ରମୁଖ ଯୋଗଦେଇ ବିଜ୍ଞାନ ମନସ୍କ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ। ପିଏମଶ୍ରୀ ଝାଡ଼େଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଘଡ଼େଇ ମଂଚ ସଂଚାଳନ କରିଥିଲେ। ବିଚାରକ ଭାବେ ପି.ଏନ୍. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼. କୁଳମଣି ପ୍ରଧାନ, ବ୍ରଜବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ, ହରିଚନ୍ଦନପୁର ରସାୟନ ବିଜ୍ଞାନ ଅଧ୍ୟାପକ ଟିକେଶ୍ୱର ବାରିକ, ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଦ୍ମପୁର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସନତ କୁମାର ଦାସ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରସନ୍ନ କୁମାର ପ୍ରଧାନ ୭୮ଟି ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ବିଜ୍ଞାନ ପ୍ରକଳ୍ପ ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏନ୍.ଏସ୍.ପୋଲିସ୍ହାଇସ୍କୁଲର ଶିକ୍ଷକ ଗୁରୁଦେବ ମହାନ୍ତ, କମଳଲୋଚନ ପ୍ରଧାନ, ବିଜୟ କୁମାର ବେହେରା, ବିବେକାନନ୍ଦ ରାଉତ, ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର, ମମତାରାଣୀ ମହାନ୍ତ, ସାଗରିକା ସାହୁ, କଳାବତୀ ଦେହୁରୀ, ଭାଗ୍ୟଶ୍ରୀ ମହାନ୍ତ, ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟ, ଦେଓଝର ବିଜ୍ଞାନ ଶିକ୍ଷକ ସୌମ୍ୟ ପ୍ରକାଶ ସାହୁ, ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ହରିଚନ୍ଦନପୁର ବ୍ଲକ୍ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ମାଲବାହୀ ଟ୍ରେନ ଲାଇନଚ୍ୟୁତ

ଅଟକିଲା ବନ୍ଦେ ଭାରତ ଏକ୍ସପ୍ରେସ ସହ ୨ ପାସେଞ୍ଜର ଟ୍ରେନ୍

ବଡବିଲ, ୨୬/୩(ନି/ପ୍ର): କୋଇଲା ବୋଝେଇ ମାଲବାହୀ ଟ୍ରେନ ଲାଇନ ଚ୍ୟୁତ। ଅଟକିଲା ବନ୍ଦେ ଭାରତଏକ୍ସପ୍ରେସ ସମେତ ୩ ଟି ପାସେଞ୍ଜର ଟ୍ରେନ୍ । ୪ ଘଟାଂ ଧରି ବାଟରେ ଅଟକି ରହିଛି ଏସବୁ ଟ୍ରେନ୍ । ମଧ୍ୟାହ୍ନ ପ୍ରାୟ ୧୨ ଟା ୨୦ରୁ ବାଂଶପାଣି ଷ୍ଟେସନରେ ବ୍ରହ୍ମପୁର - ଟାଟା ନଗର ବନ୍ଦେ ଭାରତ ଏକ୍ସପ୍ରେସ ଅଟକି ରହିଥିବା ବେଳେ, ଦେଓଝର ଷ୍ଟେସନରେ ଛିଡ଼ାହୋଇ ରହିଛି ବଡ଼ବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ । ଅପର ପଟେ ପର୍ଯ୍ୟନପୁର ରେ ଅଟକିଛି ପୁରୀ ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ । ଦୀର୍ଘ ୪ ଘଟାଂରୁ ଅଧିକ ସମୟ ଧରି ଟ୍ରେନ୍ ଗୁଡ଼ିକ ଅଟକିବା କାରଣରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସୂଚନା ଅନୁସାରେ ମୂର୍ଗା ମହାଦେବ ଷ୍ଟେସନ ନିକଟରେ ଏକ କୋଇଲା ବୋଝେଇ ମାଲବାହୀ ଟ୍ରେନର ଦୁଇଟି ୱାଗନ ଲାଇନ ଚ୍ୟୁତ ହୋଇଥିବା ଯୋଗୁଁ ଏହି ସମସ୍ୟା ଉପୁଜିଛି । ସେପଟେ ୱାଗନ ଗୁଡ଼ିକୁ ଉଠାଇ ମରାମତି ପାଇଁ ରେଳବାଇ ଉଦ୍ୟମ ଚଳାଇଛି । ରେଲୱେ ପକ୍ଷରୁ ବନ୍ଦେ ଭାରତଏକ୍ସପ୍ରେସର ପ୍ୟାସେଞ୍ଜରଙ୍କୁ ଟାଟା ନଗର ପଠାଇବା ପାଇଁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରିଛି । । ସେପଟେ ବାଂଶପାଣି ଷ୍ଟେସନ ମ୍ୟାନେଜର କିଛି ଜାଣିନାହିଁ କହିଛନ୍ତି, ବନ୍ଦେ ଭାରତକୁ ଅଟକାଇବା ପାଇଁ ଉପରୁ ନିର୍ଦ୍ଦେଶ ଆସିଥିବା କହିଛନ୍ତି ।

ପୁଅକୁ ଫେରାଇ ଆଣିବା ପାଇଁ ମାଆର ଆକୁଳ ନିବେଦନ

କେନ୍ଦ୍ରାପଡ଼ା,୨୬/୩(ନି/ପ୍ର):କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ କୁରୁଟିଂ ପଚାଂୟତ ଚକ୍ରଧରପୁର ଗ୍ରାମର ବିଜୟ କୁମାର ରାଉତଙ୍କ ବଡ଼ପୁଅ ବିରେନ କୁମାର ରାଉତ ପରିବାରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଦାଦନ ଖଟିବାକୁ ଦୁବାଇ ଚାଲିଯାଇଥିଲେ। ଶ୍ରମିକ ଜଣକ ଦୁବାଇରେ ଫସିଥିବା ନେଇ ତାଙ୍କ ମାଆ ଅଭିଯୋଗ କରିଛନ୍ତି। ସେଠାରେ କାମ କରୁଥିବା ସମୟରେ ମାତ୍ର ଥରେ ଘରକୁ ଟଙ୍କା ପଠାଇଥିଲେ । ଏହା ପରେ ଆଉ ଟଙ୍କା ପଠାଇ ନାହାନ୍ତି। ଏ ନେଇ ମୋବାଇଲ ଯୋଗାଯୋଗ କରିବାରୁ କମ୍ପାନୀ ତାଙ୍କୁ ହଇରାଣ କରୁଥିବା ନେଇ ସେ କହିଥିଲେ। ଦୀର୍ଘ ୨ ବର୍ଷ ହେଲା ପରିବାର ଲୋକଙ୍କ ସହିତ ତାଙ୍କର ଆଉ ଯୋଗାଯୋଗ ହୋଇପାରିନାହିଁ । ଏ ନେଇ ମା ଭାରତୀ ପୁଅକୁ ଦୁବାଇ ପଠାଇଥିବା ରାଜନଗର ବ୍ଲକ ଡେରା ଗ୍ରାମର ଏଜେଟଂ ଚଗୁଲୁ ବେହେରା ନାମରେ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ବିରେନ ଛାଡି ଯାଇଥିବା ସ୍ତ୍ରୀ ଓ ଛୋଟ ଛୋଟ ପୁଅ ଝିଅ ଙ୍କୁ ଗାଁ ରେ ଛାଡି ବାହାର ଦେଶ କୁ ଯାଇଥିଲେ । ତାଙ୍କ ସ୍ୱାମୀ (ବିରେନ) ଦୁବାଇ ଯାଇଥିବା ବେଳେ କରିଥିବା ଧାର କରଜ ଟଙ୍କାକୁ ଶୁଝିବା ପାଇଁ ସ୍ତ୍ରୀ ନିଜ ଶାଶୁ ଭାରତୀଙ୍କ ପାଖରେ ପିଲା ଙ୍କୁ ଛାଡି ଦାଦନ ଖଟିବା ପାଇଁ କେରଳ ରାଜ୍ୟକୁ ଚାଲି ଯାଇଛନ୍ତି । ମା ଭାରତୀ ବାଧ୍ୟ ହୋଇ ରାଜନଗର ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ କାନ୍ଦି କାନ୍ଦି ନିଜ କହିଛନ୍ତି ମୋ ପୁଅକୁ ବିଦେଶରୁ ଫେରାଇ ଆଣିବାକୁ ସରକାର ଓ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଙ୍କୁ ଆକୁଳ ନିବେଦନ କରିଛନ୍ତି।

ତେଲକୋଇ ବ୍ଲକ ଦେଉଳଡ଼ିହାରେ ବିଜେପି ପକ୍ଷରୁ ଦୁଇଦିନିଆ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ-୨୦୨୬

ରାମ ନବମୀ ପୂର୍ବରୁ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ଜୟପୁର,୨୬/୩(ନି/ପ୍ର): ଜୟପୁର ରାମ ନବମୀ ପାଳନ ପୂର୍ବରୁ କୋରାପୁଟ ଜିଲ୍ଲା ପୋଲିସ ତରଫରୁ ଆଇନ ଶୃଙ୍ଖଳା ସୁନିଶ୍ଚିତ କରିବା ନେଇ ଫ୍ଲାଗ୍ ମାର୍ଚ୍ଚ କରିଛି। ଆସନ୍ତା ରାମ ନବମୀ ଉତ୍ସବକୁ ଦୃଷ୍ଟିରେ ରଖି, ଜିଲ୍ଲା ପୋଲିସ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ବାସିନ୍ଦାଙ୍କ ମଧ୍ୟରେ ସୁରକ୍ଷା ଏବଂ ଆତ୍ମବିଶ୍ୱାସ ଭାବନା ସୃଷ୍ଟି କରିବା ପାଇଁ ଆଜି ଜୟପୁର ସହରର ଏକ ଫ୍ଲାଗ୍ ମାର୍ଚ୍ଚ ଆୟୋଜନ କରିଥିଲା। ଏହି ଫ୍ଲାଗ ମାର୍ଚ୍ଚ ବରିଷ୍ଠ ପୋଲିସ ଅଧିକାରୀ, ବିଏସଏଫ, ଏବଂ ଏଥିରେ ସଶସ୍ତ୍ର ବାହିନୀ ସମେତ ପୋଲିସ କର୍ମଚାରୀଙ୍କ ଏକ ଦୃଢ଼ ଦଳ ଅଂଶଗ୍ରହଣ କରିଥିଲା।

ମଦ ମାଫିଆଙ୍କୁ ଝଟକା : ବରଡିହା ପଚାଂୟତରେ ଚଢ଼ାଉ ବିପୁଳ ପରିମାଣର ଦେଶୀ ମଦ ଓ ସାମଗ୍ରୀ ଜବତ

ଜଳେଶ୍ୱର,୨୬।୩(ନି/ପ୍ର): ଜଳେଶ୍ୱର ଅବକାରୀ ବିଭାଗର ବଡ଼ କାର୍ଯ୍ୟାନୁଷ୍ଠାନ । ବରଡିହା ପଚାଂୟତର ରଙ୍ଗାମାଟିଆ ଗାଁର ୩୦୦ ଲିଟର ଦେଶୀମଦ ସହ ୬୫୦୦ ଲିଟର ମହୁଲ ପଚାଣି ଚାବା ଓ ଦେଶୀମଦ ଉପକରଣ ନଷ୍ଟ କରିଛି । ଅନ୍ୟପଟେ ସେହି ପଚାଂୟତର ବଣକାଟି ଗାଁର ମଦ କାରବାରୀ ଶମ୍ଭୁ ରଣାକୁ ଅବକାରୀ ବିଭାଗ ଉଠାଇବାକୁ ଯାଇ ହରଡ଼ଘଣାରେ ପଡ଼ିଛି । ପରିବାର ଓ କିଛି ଗାଁର ଲୋକ ଅବକାରୀ ବିଭାଗର କର୍ମଚାରୀଙ୍କୁ ଅଟକ ରଖି ତାଙ୍କ ପାଖରୁ ଶମ୍ଭୁଙ୍କୁ ଛଡ଼ାଇ ନେବା ଜଣାପଡ଼ିଛି । ଶମ୍ଭୁ ରଣା ଓ ତାଙ୍କ ବଡ଼ପୁଅର ସ୍ତ୍ରୀ ଯାତ୍ରୀ ରଣା ହାତୀଗଡ଼ ହସ୍ପିଟାଲରେ ଚିକିତ୍ସିତ ହୋଇ ରାଇବଣିଆ ଥାନାକୁ ଅବକାରୀ ବିଭାଗର ବିରୁଦ୍ଧରେ ମାଡ଼ ମାରିବା ଓ ଠେଲାପେଲା ବିନା ଦୋଷରେ କରିଥିବାର ଅଭିଯୋଗ ନେଇ ଫେରାଦ ଶ୍ୱଶୁର ବୋହୂ ହୋଇଥିଲେ । ରାଇବଣିଆ ପୁଲିସ ସେମାନଙ୍କ ଅଭିଯୋଗ ନ ନେଇ ଫେରାଇ ଦେଇଛନ୍ତି । ଆଗରୁ ଶମ୍ଭୁ ରଣାଙ୍କ ନାଁରେ କେସ୍ ରହିଛି । ତାଙ୍କ ଘରୁ ୫ ଲିଟରରୁ ଅଧିକ ଦେଶୀମଦ ଜବତ କରି ତାଙ୍କୁ ଆଣିବା ସମୟରେ, ପରିବାର ଓ କିଛି ଲୋକ ବିରୁଦ୍ଧ କରି ଅବକାରୀ କର୍ମଚାରୀଙ୍କ ସହ ଠେଲାପେଲା କରିଥିଲେ । ଯାହା ଉପରିସ୍ଥ ବିଭାଗ ଓ ରାଇବଣିଆ ଥାନାକୁ ଅବକାରୀ ବିଭାଗ ଜଳେଶ୍ୱର ତରଫରୁ ସୂଚନା ଦିଆଯାଇଥିଲା ।

ନୂଆଗୁଡା ସ୍ମାର୍ଟ ଗ୍ରାମ କେନ୍ଦ୍ରର ଶୁଭାରମ୍ଭ

ଜୟପୁର,୨୬/୩(ନି/ପ୍ର): କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକ ସ୍ଥିତ ନୂଆଗୁଡା ଗ୍ରାମରେ ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ଏବଂ ନାବାର୍ଡର ମିଳିତ ଉଦ୍ୟମରେ ସ୍ମାର୍ଟ ଭିଲେଜ କେନ୍ଦ୍ରର ଶୁଭାରମ୍ଭ କରାଗଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକ ରିପୁ ଭତ୍ରା ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଉଦଘାଟିତ କରିଥିଲେ । ସେ ସେହି ଗ୍ରାମ ମାଟିକୁ ଧନ୍ୟ ବୋଲି କହିଥିଲେ କାରଣ ସେହି ଗ୍ରାମରୁ କୃଷି ତଥା ବିହନ ସଂରକ୍ଷିକା ଡା. ରାଇମତି ଘିଉରିଆ ଆଜି ବିଶ୍ୱରେ ସୁପରିଚିତ । ତଥା ସ୍ମାର୍ଟ ଭିଲେଜ ଏକ ନୂତନ ସ୍ୱପ୍ନ, ନୂଆ ସହାୟକ ଭାବରେ ଚାଷୀମାନଙ୍କ ମଧ୍ୟରେ ଜ୍ଞାନ କୌଶଳ ଓ ଅନଲାଇନ କାର୍ଯ୍ୟକ୍ରମର ସହାୟକ ହେବ ବୋଲି କହିଥିଲେ । ସ୍ୱାମୀନାଥନ ପ୍ରତିଷ୍ଠାନ ଏବଂ ସରକାରଙ୍କ ଏହା ଏକ ପଦକ୍ଷେପ ବୋଲି କହିଥିଲେ । ତତ ସହିତ ଏଥିରେ ଯୋଗଦେଇଥିବା ବୈଜ୍ଞାନିକ, କୃଷି ଅଧିକାରୀ, ଅଗ୍ରଣୀ ଚାଷୀମାନେ ତଥା ଡା. ଦେବେନ୍ଦ୍ର ପ୍ରଧାନ, ଡ଼ିଡ଼ିଏମ ନାବାର୍ଡ, ସନ୍ତୋଷ କୁମାର ଦଳବେହେରା, ଜିଲ୍ଲା କୃଷି ମୁଖ୍ୟ ଅଧିକାରୀ, କୋରାପୁଟ, ତାପସ ରୟ, ବ୍ଲକ କୃଷି ଅଧିକାରୀ, କୁନ୍ଦ୍ରା, ଡା. ରାମ ଜୟମ ଆଇସିଏଆର-ଆଇଆଇଏସଡବ୍ଲୁସି, ସୁନାବେଡା, ଲଲାଟେନ୍ଦୁ ମହାପାତ୍ର, ଆଦୌ, ଜୟପୁର, ତରୁଣୀସେନ ବିଶୋଇ, ଉପାଧ୍ୟକ୍ଷ ବଦ୍ରିନାରାୟଣ ଆଚାର୍ଯ୍ୟ, ବିଧାୟକ ପ୍ରତିନିଧି, କୁନ୍ଦ୍ରା ପ୍ରମୁଖ ଯୋଗଦେଇ ନୂତନ ଜ୍ଞାନକୌଶଳ ଭୂତଳ ଜଳ ପରିଚାଳନା, ଜୈବିକ କୃଷି, ଉନ୍ନତି ପ୍ରଣାଳୀର ଚାଷ ପଦ୍ଧତି, ଫସଲ ବିକ୍ରି କରିବାରେ ସହାୟକ ହେବ ତା'ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏମ.ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ଅଧ୍ୟକ୍ଷତା କରି ପ୍ରଫେସର ସ୍ୱାମୀନାଥନଙ୍କର ଜୈବ ଗ୍ରାମ ତଥା ଚିର ସବୁଜ ବିପ୍ଳବର ସ୍ୱପ୍ନଟି ସାକାର କରିବାରେ ଏହି ସ୍ମାର୍ଟ ଭିଲେଜ କେନ୍ଦ୍ର ସହାୟକ ହେବ ବୋଲି କହିଥିଲେ। ଡା. ରାଇମତି ଘିଉରିଆ (ମାଣ୍ଡିଆ ରାଣୀ) ନିଜ ଗ୍ରାମକୁ ସ୍ମାର୍ଟ ଭିଲେଜ କରିବା ନିମନ୍ତେ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଏବଂ ସରକାରଙ୍କ ପ୍ରୟାସକୁ କୃତଜ୍ଞତା ଜଣାଇଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇଭଉଣୀ ସହିତ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର କର୍ମକର୍ତାମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ : ଧର୍ମେନ୍ଦ୍ର



ଡେରଜାଙ୍ଗ/ଅନୁଗୁଳ,୨୬/୩(ନି/ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳଜିଲ୍ଲା ବଣ୍ଟିଁରପାଳସ୍ଥିତ ଡେରଜାଙ୍ଗ ଠାରେ ବହୁପ୍ରତୀକ୍ଷିତ 'ବୋଟିଂ ସୁବିଧା'ର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅନୁଗୁଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ। ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ, ଏହି ଅଂଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି। ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ମୁଖ୍ୟ ଲକ୍ଷ୍ୟ। ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା, କିନ୍ତୁ ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହୋଇଛି। ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍ ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍‌ର ମଜା ନେଇପାରିବେ। ଏହି ସୁବିଧା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବ। ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ 'ଇକୋ ଲଜ୍' ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ। ଏହି ସାଧୁ ଉଦ୍ୟମ ପାଇଁ ସେ ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗକୁ ସାଧୁବାଦ ଜଣାଇଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ 'ନାଗରିକ ସମ୍ବର୍ଦ୍ଧନା ସଭା'ରେ ଯୋଗଦେଇଥିଲେ। ସେଠାରେ ଉପସ୍ଥିତ ଜନସାଧାରଣଙ୍କ ସ୍ନେହ ଓ ଶ୍ରଦ୍ଧା ପାଇଁ କୃତଜ୍ଞତା ଜଣାଇ ସେ କହିଥିଲେ ଯେ, ଆମ ସରକାରର ମୂଳ ମନ୍ତ୍ର ହେଉଛି ଗରିବ କଲ୍ୟାଣ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଭତ୍ତା ପର୍ଯ୍ୟନ୍ତ, ପ୍ରତିଟି ସରକାରୀ ସୁବିଧା ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଂଚିବ, ସେଥିପାଇଁ ଆମେ ପ୍ରତିବଦ୍ଧ। ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ।

ଲୋୟର ଇନ୍ଦ୍ର ପ୍ରକଳ୍ପରେ ମାଛ ଓ ଚିଙ୍ଗୁଡ଼ି ଯାଆଁଳା ଗଚ୍ଛିତ କାର୍ଯ୍ୟକ୍ରମ

ନୂଆପଡା,୨୬/୩(ନି/ପ୍ର): ନୂଆପଡ଼ା ଜିଲ୍ଲାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ନବଗଠିତ ମା ଇନ୍ଦ୍ରାଦେଇ ବହୁମୁଖୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଲିମିଟେଡ୍, ପେଣ୍ଡ୍ରାବନ୍ଧ" ମାଧ୍ୟମରେ ମାଛ ଆଙ୍ଗୁଳିକା ଓ ଚିଙ୍ଗୁଡ଼ି ଯାଆଁଳା ଗଚ୍ଛିତ କାର୍ଯ୍ୟକ୍ରମ ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ସଫଳତାର ସହ ଆଜି ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁସୁଦନ ଦାଶ, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ୍ ସିଂ, ଖଡିଆଳ, କୋମନା ଓ ବୋଡେନ ବ୍ଲକ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ, ପଂଚାୟତ ସମିତି ଖଡିଆଳ ଓ କୋମନା ବ୍ଲକ୍ର ଅଧ୍ୟକ୍ଷା ମାନେ ଏବଂ ଖଡ଼ିଆଳ ବିଧାୟକଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ସଦସ୍ୟମାନେ ଲୋୟର ଇନ୍ଦ୍ର ପ୍ରକଳ୍ପର ବୋଲଧା, କୋଟାମାଲ, ବିରୁଣପଦର, ପେଣ୍ଡ୍ରାବନ୍ଧ ବ୍ରିଜ୍, ବେଲଗାଁ ଓ ହରିପୁରର ମିଳିତ ୬ଟି ବିଭିନ୍ନ ଅଂଚଳରେ ମାଛ ଅଙ୍ଗୁଳିକା ଓ ଚିଙ୍ଗୁଡ଼ି ଯାଆଁଳା ଛାଡ଼ିବା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ ଜଣ ପ୍ରବାସୀ ଶ୍ରମିକଙ୍କୁ ମାଛ ଧରିବା ଜାଲ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମିତି ଗଠନ ପରେ ସେମାନେ ଅନ୍ୟ ରାଜ୍ୟକୁ ପ୍ରବାସ ଯିବା ବନ୍ଦକରି ସ୍ଥାନୀୟ ଭାବେ ମତ୍ସ୍ୟଚାଷ ମାଧ୍ୟମରେ ନିଜ ଜୀବିକା ଉନ୍ନତ କରୁଛନ୍ତି ବୋଲି ସୂଚନା ମିଳିଛି। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଏହି ପ୍ରକଳ୍ପ ମାଧ୍ୟମରେ ଆସନ୍ତା ବର୍ଷଗୁଡ଼ିକରେ ମତ୍ସ୍ୟଜୀବୀ ମାନଙ୍କର ଆୟ ବୃଦ୍ଧି ପାଇବ ଏବଂ ପ୍ରବାସୀ ଶ୍ରମିକ ପ୍ରଥାର ନିରାକରଣ ହେବ ଓ ଏଥିସହିତ ଲୋୟର ଇନ୍ଦ୍ର ଜଳଭଣ୍ଡାରରେ ମାଛ ଉତ୍ପାଦନ ଓ ବିକ୍ରୟ କରି ମତ୍ସ୍ୟଜୀବୀ ମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ଆମର ଲକ୍ଷ୍ୟ। ସେ ଆହୁରି କହିଥିଲେ ଯେ, ତିଖାଲି ଡ୍ୟାମ୍ କୁ ଏକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରାଯିବ ଏବଂ ଆଗାମୀ ଦିନରେ ଏହାର ବହୁମୁଖୀ ଉନ୍ନତି କରାଯିବ। ଏହା କେବଳ ଏକମାତ୍ର ଯାଆଁଳା ଗଚ୍ଛିତ କାର୍ଯ୍ୟକ୍ରମ ନୁହେଁ, ଭବିଷ୍ୟତରେ ଅନେକ ପର୍ଯ୍ୟାୟରେ ବିଭିନ୍ନ ପ୍ରଜାତିର ମାଛ ଯାଆଁଳା ଗଚ୍ଛିତ ଓ ଅଭିବୃଦ୍ଧି କରାଯିବ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ କହିଥିଲେ ଯେ, ଆସନ୍ତା ବର୍ଷମାନଙ୍କରେ ନୂତନ ପ୍ରଯୁକ୍ତି ବିଦ୍ୟା ଆପଣେଇ ଜଳାଶୟର ସର୍ବାଧିକ ବ୍ୟବହାର କରାଯାଇ ମାଛ ଉତ୍ପାଦନ ବୃଦ୍ଧି କରାଯିବ।

ବିବିଧା

ଆଜିର ରାଶିଫଳ

ମେଷ: ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

ବୃଷ: ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଆବେଗରେ ନିୟନ୍ତ୍ରଣ ରଖା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

ମିଥୁନ: ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କର୍କଟ: ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରଖା କରିବେ।

ସିଂହ: ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେୟାର ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

କନ୍ୟା: ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ତୁଳା: ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

ବିଛା: ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

ଧନୁ: କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

ମକର: ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଚାକିରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

କୁମ୍ଭ: ପଡ଼ୋଶୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଚିନ୍ତାଗ୍ରସ୍ତ ହେବେ।

ମୀନ: ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

ଆଜିର ଇତିହାସ

- ୧୮୧୨- ଭେନେଜୁଏଲାର କାରାକାସରେ ଭୟଙ୍କର ଭୂମିକମ୍ପରେ ୨୦ ହଜାର ଲୋକ ପ୍ରାଣ ହରାଇଲେ।
- ୧୯୦୭- ହିନ୍ଦୀ ସାହିତ୍ୟିକା ମହାଦେବୀ ବର୍ମାଙ୍କ ଜନ୍ମ।
- ୧୯୭୨- ରାଷ୍ଟ୍ରପତି ଭି.ଭି. ଗିରି ପ୍ରଥମ ଆନ୍ତର୍ଜାତୀୟ ସଂସ୍କୃତ ସମ୍ମିଳନୀକୁ ଉଦ୍‌ଘାଟନ କଲେ।
- ୧୯୭୪- ଚିପ୍‌କୋ ଆନ୍ଦୋଳନ ଆରମ୍ଭ।
- ୨୦୦୬- ମେଲବର୍ଣ୍ଣରେ ୧୮ ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

ଅଶୋକାଷ୍ଟମୀ



ଚୈତ୍ର ମାସ ଶୁକ୍ଳପକ୍ଷ ପୁନର୍ବସୁ ନକ୍ଷତ୍ରଯୁକ୍ତ ଅଷ୍ଟମୀ ତିଥିରେ ପ୍ରଭୁ ଲିଙ୍ଗରାଜଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ। ଏକାମ୍ର କ୍ଷେତ୍ରର ଅଧୀଶ୍ୱର ପ୍ରଭୁ ଲିଙ୍ଗରାଜଙ୍କର ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଅଶୋକାଷ୍ଟମୀ ଅନ୍ୟତମ। ଏହି ଦିନ ଲିଙ୍ଗରାଜଙ୍କର ବିଜେ ପ୍ରତିମା ଚନ୍ଦ୍ରଶେଖରଙ୍କ ସହ ବାସୁଦେବ ଓ ରୁକ୍ମିଣୀଙ୍କୁ ରଥରେ ବସାଇ ରାମେଶ୍ୱର ମନ୍ଦିର ଯାଏଁ ନିଆଯାଏ। ଏହି ରଥର ନାମ 'ରୁକୁଣା ରଥ'। ରୁକୁଣା ରଥକୁ 'ଅଲେଉଟା ରଥ' ବୋଲି କୁହାଯାଏ। ଏ ରଥକୁ ଏପରି କହିବାର ଅର୍ଥ ଏହା ଯେ, ଏହାର ବାହୁଡ଼ା ଯାତ୍ରା ବେଳେ ରଥକୁ ବୁଲାଇ ମୋଡ଼ାଯାଏ ନାହିଁ। କେବଳ ରଥର ସମ୍ମୁଖ ଭାଗକୁ ବଦ କରାଯାଇ ରଥ ଉପରେ ଥିବା ସିଂହାସନକୁ ପଛକୁ ବୁଲାଇ ଦିଆଯାଏ ଯାହାକି ସମ୍ମୁଖ ପାର୍ଶ୍ୱ ରୂପେ କାର୍ଯ୍ୟ କରେ। ପ୍ରାଚୀନ କାଳରୁ ଏକାମ୍ର କ୍ଷେତ୍ରରେ ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ ଗଡ଼ି ଆସୁଛି ବୋଲି ଶୁଣିବାକୁ ମିଳେ। ଅଶୋକାଷ୍ଟମୀ ଦିନ ପ୍ରାତଃ କାଳରେ ପ୍ରଥମେ ଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତୀ, ସାହାଣ ମେଲା, ମହାସ୍ନାନ ଓ ଅନ୍ୟପୂଜା ଆଦି ସମାପନ ପରେ, ପ୍ରଥମେ ରୁକୁଣା ରଥକୁ ପୂଜା କରାଯାଏ। ରଥର ମଝିରେ ରୁକ୍ମିଣୀ, ଡାହାଣ ପାର୍ଶ୍ୱରେ ଚନ୍ଦ୍ରଶେଖର ଏବଂ ବାମ ପାର୍ଶ୍ୱରେ ବାସୁଦେବ ବିରାଜମାନ ହୁଅନ୍ତି। ଏହାପରେ ରଥଟଣା ଆରମ୍ଭ ହୋଇଥାଏ। ରଥଟଣା ସରିବା ପରେ ରଥ ଯାଇ 'ମାଉସୀମା' ଛକ ନିକଟରେ ଥିବା ରାମେଶ୍ୱର ମନ୍ଦିରରେ ରହେ। ପ୍ରଭୁ ଲିଙ୍ଗରାଜ ସେଠାରେ ପାଞ୍ଚଦିନ ରହି ପୁନର୍ବାର ନିଜ ମନ୍ଦିରକୁ ବାହୁଡ଼ି ଆସନ୍ତି। ରାବଣକୁ ମାରି ବ୍ରହ୍ମହତ୍ୟା ପାପ ଅର୍ଜନ କରିଥିବା ହେତୁ, କୁଳଗୁରୁ ବଶିଷ୍ଠଙ୍କ ପରାମର୍ଶକ୍ରମେ ଭଗବାନ ରାମଚନ୍ଦ୍ର ସପରିବାର ଏକାମ୍ର ବନକୁ ଆସି ପ୍ରଭୁ ଲିଙ୍ଗରାଜଙ୍କର ପୂଜାର୍ଚ୍ଚନା କରିଥିଲେ ବୋଲି କଥିତ ଅଛି। ଏଥିରେ ପ୍ରଭୁ ଲିଙ୍ଗରାଜ ସନ୍ତୁଷ୍ଟ ହୋଇ ରାମେଶ୍ୱରଠାରେ ମନ୍ଦିର ପ୍ରତିଷ୍ଠା ପୂର୍ବକ ପୂଜାର୍ଚ୍ଚନା କରିବାକୁ ରାମଚନ୍ଦ୍ରଙ୍କୁ କହିଥିଲେ ଏବଂ ବର ଯାଚନା କରିଥିଲେ। ପ୍ରତ୍ୟେକ ବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ରାମେଶ୍ୱର ପାଠକୁ ଆସି ପୂଜା ଗ୍ରହଣ କରିବା ପାଇଁ ରାମଚନ୍ଦ୍ରଙ୍କ ଅନୁରୋଧ ରକ୍ଷା କରିବାକୁ ବଚନବଦ୍ଧ ହୋଇଥିବାରୁ, ପ୍ରଭୁ ଲିଙ୍ଗରାଜ ଏହିଦିନ ରଥଯାତ୍ରାରେ ରାମେଶ୍ୱର ମନ୍ଦିର ଆସି ପୁରୁଷୋତ୍ତମ ରାମଚନ୍ଦ୍ର ଓ ତାଙ୍କ ଭାଇମାନଙ୍କ ପୂଜା ଆତିଥ୍ୟ ଗ୍ରହଣ କରିଥାନ୍ତି। ତେଣୁ ଅଶୋକାଷ୍ଟମୀକୁ ଏକ ପବିତ୍ର ପର୍ବ ଭାବେ ମନେ କରାଯାଏ। ଏହିଦିନ ଅଶୋକ ବୃକ୍ଷ ଏବଂ ଭଗବାନ ଶଙ୍କରଙ୍କର ପୂଜା କରାଯାଇଥାଏ। ଏହାସହ ଅଶୋକ ଗଛ ଚାରିପଟେ ୧୦୮ ଥର ପରିକ୍ରମା କରିବା ଦ୍ୱାରା ପୁଣ୍ୟ ଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୁରାଣ ଅନୁଯାୟୀ, ରାବଣ ଦ୍ୱାରା ଅପହୃତା ସୀତା ଅଶୋକ ବନରେ ଥିବା ସମୟରେ ପୁନର୍ବସୁ ନକ୍ଷତ୍ର ଯୁକ୍ତ ଏହି ଅଷ୍ଟମୀ ତିଥିରେ ପ୍ରଭୁ ରାମଙ୍କ ସହିତ ପୁନର୍ମିଳନ ପାଇଁ ସେ ଅଶୋକ କଳି ଦ୍ୱାରା ଭଗବାନ ଶିବଙ୍କ ଆରାଧନା କରିଥିଲେ। ସେହି ପରମ୍ପରା ଅନୁଯାୟୀ, ନିଜର ଏବଂ ନିଜ ପରିବାରର ଦୁଃଖ ଦୁର୍ଦ୍ଦଶା ଦୂରୀକରଣ ପୂର୍ବକ ଶାନ୍ତି ଓ ସମୃଦ୍ଧି ପ୍ରାପ୍ତି ପାଇଁ ଏହି ଦିନ ହିନ୍ଦୁ ନାରୀମାନେ ବ୍ରତ ପାଳନ ପୂର୍ବକ ଆଠଗୋଟି ଅଶୋକ କଳି ଶିବଙ୍କୁ ସମର୍ପଣ କରି ନିଜର ଉପବାସ ଭଙ୍ଗ କରିଥାନ୍ତି। ଅଶୋକାଷ୍ଟମୀ ଦିନ ଉପବାସ କରିବା ଦ୍ୱାରା ମନୁଷ୍ୟ ଜୀବନରୁ ଦୁଃଖ ଦୂର ହେବା ସହ ଲକ୍ଷ୍ମୀନାରାୟଣ ଏବଂ ଭଗବାନ ଶଙ୍କରଙ୍କର ବିଶେଷ କୃପା ଲାଭ ହୋଇଥାଏ ବୋଲି କୁହାଯାଏ। ଅଶୋକାଷ୍ଟମୀ ପରଦିନ ପାଳନ ହୁଏ ପବିତ୍ର ରାମନବମୀ ପର୍ବ।

ଦୁଃଖ ଶୁଣିବା ବ୍ୟବସାୟ

ମୁମ୍ବାଇର ଜଣେ ବ୍ୟକ୍ତି ଲୋକଙ୍କଠାରୁ ଟଙ୍କା ନେଇ ସେମାନଙ୍କ ଦୁଃଖ ଶୁଣୁଛନ୍ତି। ଏହି କଥା ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ପୃଥ୍ୱୀରାଜ ବୋହରା ଜଣେ ସ୍ୱତନ୍ତ୍ର ବ୍ୟକ୍ତି। ସେ ଏହି ନିଆରା ପେଶାକୁ ପରିଚିତ କରାଇଛନ୍ତି। ଗୋଟିଏ ହାତରେ ସେ ମୁମ୍ବାଇ ସମୁଦ୍ର କୂଳରେ ପୋଷ୍ଟର୍ ଧରି ଛିଡ଼ା ହୋଇଥାନ୍ତି। ସେ ଧରିଥିବା ପୋଷ୍ଟର୍‌ରେ ଲେଖାଯାଇଛି, 'କାହାକୁ ନିଜ ଦୁଃଖ ଶୁଣାଇବାର ଥିଲେ ମୁଁ ଶୁଣିବି।' ସେହିପରି ଏଥିରେ ପୃଥ୍ୱୀରାଜ ତାଙ୍କ ପୂରା ବିଜନେସ୍ ମଡେଲକୁ ବୁଝାଇଛନ୍ତି। ସେ ଲୋକଙ୍କର ଛୋଟ ସମସ୍ୟା ବା ଦୁଃଖ ଶୁଣିବା ପାଇଁ ୨୫୦ ଟଙ୍କା ନେଉଥିବା ବେଳେ ବଡ଼ ଦୁଃଖ ବା ଗମ୍ଭୀର ସମସ୍ୟା ପାଇଁ ୫୦୦ ଟଙ୍କା ନିଅନ୍ତି। ତେବେ ରୋଚକୀୟ ବିଷୟ ହେଉଛି, ଯଦି ସେ ଲୋକଙ୍କ ସହ ମିଶି ସେମାନଙ୍କ ଦୁଃଖରେ କାନ୍ଦିବେ, ତେବେ ଏନେଇ ତାଙ୍କୁ ହଜାରେ ଟଙ୍କା ଦେବାକୁ ପଡ଼ିବ। ଏହି ପ୍ରକାରେ ତାଙ୍କର ଭାବପୂର୍ଣ୍ଣ ସେବା ବା ଇମୋସନାଲ ସର୍ଭିସ ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଅନ୍ୟପଟେ ଲୋକେ ବି ତାଙ୍କ ପାଖକୁ ଟଙ୍କା ଦେଇ ନିଜ ଦୁଃଖ ଶୁଣାଇବାକୁ ଆସୁଥିବା ସେ କହିଛନ୍ତି। କେବଳ ସେତିକି ନୁହେଁ, ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ସେୟାର୍ ହେବା ପରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିଶେଷଜ୍ଞଙ୍କ ମତରେ, ବଡ଼ ସହରରେ ବଢ଼ୁଥିବା ଅବସାଦ ଏବଂ ଏକାକୀତ୍ୱ ଲୋକଙ୍କୁ ଏମିତି ବିକଳ୍ପ ଆଡ଼କୁ ଟାଣି ନେଉଛି ଯେ, ଯେଉଁଠାରେ ସେମାନେ ନିଜ କଥା ଖୋଲାଖୋଲି ଭାବେ କହିପାରିବେ। ଆଜିର ସମୟରେ ଲୋକେ ଏମିତି ଲୋକ ଚାହୁଁଛନ୍ତି, ଯେଉଁମାନେ କୌଣସି ସମାଲୋଚନା ନ କରି ସେମାନଙ୍କ ଦୁଃଖ ଶୁଣିବେ ଓ ବୁଝିବେ। ତେବେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି। ଏପରିକି ଏହି ବ୍ୟବସାୟର କିଏ ସମାଲୋଚନା କରୁଥିବା ବେଳେ ଆଉ କିଏ ଏହାର ସମର୍ଥନ କରିଥିବା ଦେଖାଯାଇଛି।

ଅନୁଷ୍କାଙ୍କ ଲେଉଟାଣି

ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତା ଅଲ୍ଲୁ ଅର୍ଜୁନ୍ ତାଙ୍କ କ୍ୟାରିୟରରେ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ଏବେ ଅଲ୍ଲୁ ତାଙ୍କ ଆଗାମୀ ଫିଲ୍ମ 'AA22xA6'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏଟ୍‌ଲି କୁମାର ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଏଥିରେ ଅଲ୍ଲୁଙ୍କ ସହ ଦୀପିକା ପାଦୁକୋନ୍ ଲିଡ୍ ରୋଲରେ ନଜର ଆସିବେ। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହି ସାଇନ୍ସ ଫିକ୍ସନ୍ ଫିଲ୍ମରେ ଅନୁଷ୍କା ଶର୍ମା ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଯଦି ଏହି କଥା ସତ ହୁଏ, ତେବେ ଏହି ଫିଲ୍ମ ମାଧ୍ୟମରେ ଅନୁଷ୍କା ପ୍ରଥମ ଥର ପାଇଁ ତେଲୁଗୁ ଇଣ୍ଡଷ୍ଟ୍ରିରେ ପାଦ ଦେବେ। ଏଥିରେ ଅନୁଷ୍କାଙ୍କ ବ୍ୟତୀତ ଜାହ୍ନବୀ କପୁର, ରଶ୍ମିକା ମନ୍ଦାନା, ମୃଣାଳ ଠାକୁର ନଜର ଆସିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଅନୁଷ୍କା ଶେଷଥର ପାଇଁ ୨୦୧୮ ମସିହାରେ 'ଜିରୋ' ଫିଲ୍ମରେ ଦେଖାଯାଇଥିଲେ। ଏଥିରେ ସେ ଶାହରୁଖ୍ ଖାନ୍, କ୍ୟାଟ୍ରିନା କୈଫ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିଥିଲେ। ୨୦୨୨ରେ ଅନୁଷ୍କା ଝୁଲନ ଗୋସ୍ୱାମୀଙ୍କ ବାୟୋପିକ୍ 'ଚକଦା ଏକ୍ସପ୍ରେସ୍'ରେ କାମ କରିବା ନେଇ ଖବର ଆସିଥିଲା। ଏହାର ସୁଟିଂରେ ଡେରି ହେବାରୁ ଫିଲ୍ମଟିକୁ ବନ୍ଦ କରି ଦିଆଗଲା ବୋଲି କୁହାଯାଉଛି।

ନାରୀକୈନ୍ଦ୍ରିକ ଚଳଚ୍ଚିତ୍ର

ବଲିଉଡ୍‌ରେ ଅନେକ ନାରୀକୈନ୍ଦ୍ରିକ ଚଳଚ୍ଚିତ୍ର ନିର୍ମାଣ ହୋଇଛି। ଯେଉଁଥିରେ ମହିଳା ସଶକ୍ତିକରଣ, ସାହସ, ସଂଘର୍ଷ, ସମେତ ସେମାନଙ୍କ ସମସ୍ୟା ଏବଂ ଅଧିକାରକୁ ଚିତ୍ରଣ କରାଯାଇଛି। ଚଳଚ୍ଚିତ୍ର କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସ୍ୱରଉତ୍ତୋଳନ କରିଥାଏ, ତାହା ମଧ୍ୟ ପ୍ରମାଣିତ ହୋଇଛି। ଏଥିସହ ସମାଜରେ ମହିଳାଙ୍କ ଯୋଗଦାନ ଏବଂ କ୍ଷମତାକୁ ଦର୍ଶାଇଛି। ତେବେ ବଲିଉଡ୍‌ରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ନାରୀକୈନ୍ଦ୍ରିକ ଫିଲ୍ମକୁ ନେଇ ଏହି ଆଲେଖ୍ୟ।

ମମ୍

୨୦୧୭ ମସିହାରେ ମୁକ୍ତିଲାଭ କରିଥିଲା ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ଫିଲ୍ମ 'ମମ୍'। ଏହା ଏକ କ୍ରାଇମ୍ ଥ୍ରିଲର ଫିଲ୍ମ ଭାବେ ପରିଚିତ। ଏଥିରେ ଜଣେ ମାଆ ଦୁଷ୍କର୍ମର ଶିକାର ହୋଇଥିବା ଝିଅକୁ ନ୍ୟାୟ ଦେବା ପାଇଁ କିପରି ସଂଘର୍ଷ କରିଛନ୍ତି, ତାହା ଦର୍ଶାଯାଇଛି। ଆଇନ ବ୍ୟବସ୍ଥାରେ ତ୍ରୁଟି ଯୋଗୁ, ଅପରାଧୀମାନେ ଅପରାଧ କରି ବର୍ତ୍ତିଯାଆନ୍ତି। ହେଲେ ଫିଲ୍ମରେ ଶ୍ରୀଦେବୀ ସେହି ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ସଂକଳ୍ପ ନିଅନ୍ତି। ଏଥିରେ ଯୌନ ନିର୍ଯ୍ୟାତନା ଏବଂ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦିଆଯାଇଛି।

କୁଇନ୍

ବିକାଶ ବେହେଲ୍‌ଙ୍କ ନିର୍ଦ୍ଦେଶିତ ଫିଲ୍ମ କୁଇନ୍ ୨୦୧୩ ମସିହାରେ ବଡ଼ ପରଦାରେ ମୁକ୍ତିଲାଭ କରିଥିଲା। ଏହା ଏକ କମେଡି ଡ୍ରାମା ଫିଲ୍ମ ଭାବେ ପରିଚିତ। ଏଥିରେ ସାଧାରଣ ମହିଳାର ଆତ୍ମବିଶ୍ୱାସ ଏବଂ ସ୍ୱାଧୀନତାକୁ ଦର୍ଶାଯାଇଛି। ଏଥିରେ କଙ୍ଗନା ଏକ ସାଧାରଣ ଘରୋଇ ମହିଳା ଚରିତ୍ରରେ ଅଭିନୟ କରିଛନ୍ତି। ହେଲେ ତାଙ୍କ ସରଳ ସ୍ୱଭାବ ତାଙ୍କ ପାଇଁ ଅଭିଶାପ ପାଲଟିଥିଲା। ଏଥିପାଇଁ ତାଙ୍କ ଭାବି ସ୍ୱାମୀ ବାହାଘର ଭାଙ୍ଗି ଦେଇଥିଲେ। ଫଳରେ ଯୁବତୀ ଏବଂ ତାଙ୍କ ପରିବାର ଲୋକେ ଏହାକୁ କିପରି ସାମ୍ନା କରିଥିଲେ ତାହା ଫିଲ୍ମରେ ଦେଖିବାକୁ ମିଳିଛି।

ପିଙ୍କ୍

୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ପିଙ୍କ୍'। ଏହାର ନିର୍ଦ୍ଦେଶନା ଦେଇଥିଲେ ଅନିରୁଦ୍ଧ ରୟ ଚୌଧୁରୀ। ଫିଲ୍ମଟି ତିନୋଟି ଯୁବତୀଙ୍କ କାହାଣୀ ଉପରେ ଆଧାରିତ। ଏଥିରେ ମହିଳାଙ୍କ ସମ୍ମାନ ଏବଂ ସ୍ୱାଧୀନତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିରେ ଅମିତାଭ ବଚ୍ଚନ, ତାପସୀ ପନ୍ନୁ ନଜର ଆସିଥିଲେ।

ନିରଜା

ଏହି ବାୟୋଗ୍ରାଫିକାଲ୍ ଥ୍ରିଲର୍ ଫିଲ୍ମ ୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା। ଏହା ବିମାନ ଅପହରଣକାରୀଙ୍କ କବଳରୁ ଯାତ୍ରୀଙ୍କୁ ରକ୍ଷା କରିଥିବା ଏୟାର ହୋଷ୍ଟେସ୍ ନିରଜା ଭାନୋଟଙ୍କ ବାସ୍ତବ ଜୀବନ କାହାଣୀ ଉପରେ ଆଧାରିତ। ସୋନମ କପୁରଙ୍କ ଅଭିନୟ, ଏହି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏଥିରେ ନିରଜାଙ୍କ ବୀରତା, ସାହସ ଏବଂ ଆତ୍ମବିଶ୍ୱାସ ପ୍ରତିଫଳିତ ହୋଇଛି।

ସୁଶ୍ରୀ

ବ୍ଲୋ ବ୍ରଶ୍

କେଶବିନ୍ୟାସ କରିବା ପାଇଁ ବଜାରରେ ବିଭିନ୍ନ ଉପକରଣ ରହିଛି। ସେଥିମଧ୍ୟରୁ ଗୋଟିଏ ବ୍ଲୋ ବ୍ରଶ୍। ଏହା ଡ୍ରାଏର୍ ଏବଂ ବ୍ରଶ୍ ଦୁଇଟିର କାର୍ଯ୍ୟ କରିଥାଏ। ଏହାକୁ ବ୍ୟବହାର କଲେ ଘରେ ବସି ପାର୍ଲର ଲୁକ୍ ମିଳିଥାଏ। ତେବେ ବଜାରରେ ବିଭିନ୍ନ ବ୍ରାଣ୍ଡର ବ୍ଲୋ ବ୍ରଶ୍ ରହିଛି, ଜାଣିବା ସେ ବିଷୟରେ।

କେୟାରସ୍ମିଥ୍

ଏହା ଟୁ-ଇନ୍-ୱାନ୍ ହେୟାର ଷ୍ଟାଇଲିଙ୍ଗ୍ ଉପକରଣ ଭାବେ କାର୍ଯ୍ୟ କରିଥାଏ। ଏହା କେଶକୁ ଷ୍ଟ୍ରେଟ୍ କରିବା ସହ କର୍ଲ ମଧ୍ୟ କରିଥାଏ। ସେଲୁନ୍ ଭଳି ଲୁକ୍ ଏବଂ ହେୟାର ଷ୍ଟାଇଲକୁ ଦୀର୍ଘ ସମୟ ରଖିବା ପାଇଁ ଏହା ବ୍ୟବହାର କରାଯାଏ।

ଅର୍ବନ୍

ଏହା କେଶକୁ ଶୀଘ୍ର ଶୁଖାଇବା ସହ ନରମ ଏବଂ ଆକର୍ଷଣୀୟ କରିଥାଏ। ଏହାକୁ ଘରେ ସେଲୁନ୍ ଭଳି ଚମକ ଦେବା ଲାଗି ଡିଜାଇନ୍ କରାଯାଇଛି। ଏଥିରେ ତିନୋଟି ଟେମ୍ପେରେଚର୍ ଏବଂ ଦୁଇଟି ସ୍ପିଡ୍ ସେଟିଙ୍ଗ୍ ସିଷ୍ଟମ ରହିଛି। ଏହା କେଶକୁ ଆବଶ୍ୟକତା ଅନୁସାରେ ଗରମ ପ୍ରଦାନ କରିଥାଏ।

ବ୍ରୋନ୍ ସନ୍

ଏହା କେଶକୁ ନ ଟାଣି ସହଜ ଉପାୟରେ ଶୁଖାଇବାରେ ସହାୟକ ହୋଇଥାଏ। ଏଥିରେ ତିନୋଟି ଆଡଜଷ୍ଟେବୁଲ୍ ହିଟ୍ ସେଟିଙ୍ଗ୍ ମଧ୍ୟ ରହିଛି। ଏହାର ଓଭାଲ୍ ସେପ୍ ଡେଣ୍ଟ ସିଷ୍ଟମ୍ ଏୟାରଫ୍ଲୋ ଭଲ କରିଥାଏ। ଏହାଦ୍ୱାରା କେଶ ଜଲଦି ଶୁଖିବା ସହ ଷ୍ଟାଇଲିଶ୍ ଦେଖାଯାଏ।

ବ୍ରୋକଲି ମସ୍‌ରୁମ୍

ଆବଶ୍ୟକ ସାମଗ୍ରୀ

ବ୍ରୋକଲି– ଦୁଇ କପ୍, ମସ୍‌ରୁମ୍– ଦୁଇ କପ୍, ଗାଜର– ଏକ କପ୍, ବିନ୍ସ– ଏକ କପ୍, କଟା ପିଆଜ– ଏକ କପ୍, ଶୁଖିଲା ଲଙ୍କାଗୁଣ୍ଡ- ଏକ ଚାମଚ, ଗୋଲମରିଚ ଗୁଣ୍ଡ –ଅଧା ଚାମଚ, କ୍ରିମ୍ - ଏକ ଚାମଚ, ଲୁଣ– ସ୍ୱାଦ ଅନୁସାରେ, ତେଲ- ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି

ନନ୍‌ଷ୍ଟିକ୍‌ରେ ଚାମଚେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ ଏଥିରେ କଟା ପିଆଜ ଦେଇ ହାଲୁକା ସୁନେଲି ରଙ୍ଗ ହେବା ଯାଏ ଭାଜନ୍ତୁ। ଏହାପରେ ଗାଜର, ବିନ୍ସ, ବ୍ରୋକଲି ସମେତ ଛତୁ ଦେଇ ଭାଜନ୍ତୁ। କିଛି ସମୟ ପରେ ଲୁଣ, ଶୁଖିଲା ଲଙ୍କା ଗୁଣ୍ଡ, ଏବଂ ଗୋଲମରିଚ ଦେଇ ଏପାଖ ସେପାଖ କରନ୍ତୁ। ଏହାପରେ ସାମାନ୍ୟ ପାଣି ଦେଇ ଢାଙ୍କୁଣି ଘୋଡ଼ାନ୍ତୁ। ପରିବା ହାଲୁକା ସିଝିଗଲେ ଏଥିରେ ଫ୍ରେଶ୍ କ୍ରିମ୍ ଦିଅନ୍ତୁ। ଏହା ଉପରେ ଧନିଆ ପତ୍ର ପକାଇ ପରଷନ୍ତୁ ସ୍ୱାଦିଷ୍ଟ 'ବ୍ରୋକଲି ମସ୍‌ରୁମ୍'।

କଳାଜାଇ ଦୂରେଇବାକୁ ଚାହୁଁଥିଲେ...

ଶରୀରରେ କଳାଜାଇ ରହିବା ଏକ ସାଧାରଣ କଥା। ହେଲେ ମୁହଁ ଏବଂ ବେକରେ ଆବଶ୍ୟକତାଠୁ ଅଧିକ କଳାଜାଇ ହେଲେ ଏହା ସୁନ୍ଦରତାକୁ କମ୍ କରିଥାଏ। ତେଣୁ ଏହାକୁ ଦୂରେଇବାକୁ ଚାହୁଁଥିଲେ, ନିମ୍ନ ଲିଖିତ ଘରୋଇ ଉପଚାର ଆପଣାଇପାରିବେ।

ମହୁ ଏବଂ ଅଳସୀ ତେଲ

କଳାଜାଇରୁ ମୁକ୍ତି ପାଇବାକୁ ଚାହୁଁଥିଲେ, ମହୁ ସହ ଅଳସୀ ତେଲ ମିଶାଇ ଲଗାଇପାରିବେ। ଏହା କଳାଜାଇର ରଙ୍ଗକୁ ଫିକା କରିଥାଏ। ଅଳସୀ ତେଲ କଳାଜାଇ ହେଉଥିବା କୋଷକୁ ନଷ୍ଟ କରିଥାଏ। ଏହାଦ୍ୱାରା କଳାଜାଇ କମ୍ ହୋଇଥାଏ। ସେହିପରି ମହୁରେ ଆଣ୍ଟି ଇନ୍‌ଫ୍ଲାମେଟୋରୀ ଗୁଣ ଥାଏ, ଯାହା କଳାଜାଇ ଆକାରକୁ କମ୍ କରିଥାଏ। ତେଣୁ ଏକଚାମଚ ଅଳସୀ ତେଲରେ ଏକ ଚାମଚ ମହୁ ମିଶାଇ ଲଗାଇପାରିବେ।

ହଳଦୀ ଏବଂ ମହୁ

ହଳଦୀ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଏଥିରେ ବହୁ ଗୁଣକାରୀ ତତ୍ତ୍ୱ ଥାଏ। ସେହିପରି ମହୁରେ ମଧ୍ୟ ଆଣ୍ଟିସେପ୍ଟିକ୍ ଗୁଣ ଥାଏ। ଏହି ଦୁଇଟିର ମିଶ୍ରଣ ତ୍ୱଚା ପାଇଁ ଖୁବ୍ ଲାଭଦାୟକ ହୋଇଥାଏ। ଏଥିପାଇଁ ଦୁଇଚାମଚ ମହୁରେ ଏକ ଚୁଟକି ହଳଦୀ ମିଶାଇ ଏକ ପେଷ୍ଟକୁ ପ୍ରସ୍ତୁତ କରନ୍ତୁ। ଏହାକୁ କଳାଜାଇ ଉପରେ ଲଗାଇ ଶୁଖିଗଲେ ଧୋଇ ଦିଅନ୍ତୁ। କିଛି ଦିନ ମଧ୍ୟରେ ଏହାର ପ୍ରଭାବ ଦେଖିବାକୁ ମିଳିଥାଏ। ଏହା କଳାଜାଇର ରଙ୍ଗକୁ ଯଥା ସମ୍ଭବ ଫିକା କରିଥାଏ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୨୭ ମାର୍ଚ୍ଚ ୨୦୨୬

ଶୁକ୍ରୁ ସୋରେନ ଓ ବିଶ୍ୱଯୁଦ୍ଧ



ଶୁକ୍ରୁ ବିରକ୍ତ ହେଇ କହିଲା– ତୋର ଘରେ କିସ ଭାତ ଭୁଜା କିଛି ନଥିଲା ? ଛୁଆମାନଙ୍କୁ ଭାତ ଲାଗି ପର ଦେଶକୁ ମୁଲ ଖଟିବାକୁ ପଠେଇଛୁ ? ସଭ୍ୟ ମଣିଷ ଭାବୁଥିଲା, ଶୁକ୍ରୁ କୋଉଠୁ ବୁଝିବ ଯେ ସଭ୍ୟ ମଣିଷର ଖାଲି ଭାତ ଗଣ୍ଡାଏରେ ପେଟ ପୂରେନି, ତା'ର ଆହୁରି କେତେ ଭୋକ । ଶୁକ୍ରୁ ଭର୍ତ୍ସନା କରୁଥିଲା– ତୁଇଟା କି ବାପା କିରେ ? ଆଣ୍ଠୁକୁଡା ହେଇଥିତୁ ହେଲେ ଭଲ ହେଇଥିତା । ହଉ ତୁଇ ଯାଃ ! ରାଇକା ଆଇବାର ବେଳ ହେଲାଣି । ତୋକେ ଦେଖିକରି ତ ?କି ଯିବ ଯେ ! ଶୁକ୍ରୁ ପୁଣି ବଂଶୀ ବାଦନରେ ତଲ୍ଲୀନ ହୋଇଗଲା । ଚୈତ୍ର ମାସର କୌଣସି ଏକ ସକାଳ । ଶିମିଳିପାଳ ଜଙ୍ଗଲର ଖଇରୀ ନଦୀ କୂଳର ଚେନାଏ ପଦା ଜାଗା । ନଈ ଧାରରେ ମହୁଲ ଗଛ, ଚାରିପଟେ ମହୁଲ ଫୁଲର ଗାଲିଚା । ଗଛକୁ ଆଉଜି ଗୋଡ଼ରେ ଗୋଡ଼ ଛନ୍ଦି ବସିଛି ଶୁକ୍ରୁ ସୋରେନ । କୋଳରେ ମେଚାଂଏ ଶାଳ ଫୁଲର ପେନ୍ଥା ନିଜର ପ୍ରେୟସୀ ରାଇକା ପାଇଁ । ହାତରେ ବଂଶୀ, ବଂଶୀରେ ବସନ୍ତ ଉତ୍ସବର ସଂଗୀତର ସୁର । ଗୀତଟିର ଭାବାର୍ଥ ଏହିପରି– 'ହେ ମୋର ପ୍ରେୟସୀ ! ଜଙ୍ଗଲ ଭିତରେ ସମ୍ବର (ଏକ ଜଙ୍ଗଲୀ ଜନ୍ତୁ)ର ଡାକ ଶୁଣି ତା'ର ପ୍ରିୟତମା ତା' ପାଖକୁ ଆସିଗଲାଣି, ତୁମକୁ କ'ଣ ମୋ ଡାକ ଶୁଭୁନାହିଁ ?' ନୂଆ ମହୁଲରେ ତିଆରି ଅରଖି ନିଶା ଧୀରେ ଧୀରେ ସବାର ହେଉଛି ଶୁକ୍ରୁ ଉପରେ । ତା'ର ଏତାଦୃଶ ତଲ୍ଲୀନ ଅବସ୍ଥା ଦେଖି ଏକ ସଭ୍ୟ(?) ମଣିଷ ଅତିଶୟ ଆଶ୍ଚର୍ଯ୍ୟ ହୋଇ ପଚାରିଲା– 'କିରେ ଶୁକ୍ରୁ ! ସିଆଡ଼େ ଯୁଦ୍ଧ ଲାଗିଲାଣି, ପୃଥିବୀ ହୁଲୁସ୍ଥୁଲୁ ହେଲାଣି, ତୁ ଏଠି ବସିକି ଖୁସିମନରେ ବଂଶୀ ବଜାଉଛୁ ! ତୋ'ର ଟିକିଏ ହେଲେ ତ ଚିନ୍ତା ନାହିଁ ?' ଭ୍ରୂକୁଂ?ନ କରି ଶୁକ୍ରୁ କହିଲା– ମୁଇଁ ତ କାହାର କିଛି ଖାଇନି କି ଧାରିନି, ମୋର ସାଥେ କିଏ କି ଲାଗି ଯୁଦ୍ଧ କରିବ ? ସଭ୍ୟ ମଣିଷ ଆଶ୍ଚର୍ଯ୍ୟ ହେଲା । ତା' ମାନେ, ଶୁକ୍ରୁକୁ ଯୁଦ୍ଧ ବିଷୟରେ କିଛି ବି ମାଲୁମ ନାହିଁ । ସେ ବୁଝେଇବାକୁ ଚେଷ୍ଟା କଲା, ଆରେ ତୋ ସାଙ୍ଗରେ ନୁହେଁ, ଆମେରିକା ସହିତ ଇରାନର ଯୁଦ୍ଧ, ଆଗକୁ ସେଇଟା ବିଶ୍ୱଯୁଦ୍ଧରେ ପରିଣତ ହେବାକୁ ଯାଉଛି । କଥାଟା ଶୁକ୍ରୁର ହଜମ ହେଲାନି, ସେ ପଚାରିଲା– ସେମାନେ ଯୁଦ୍ଧ ଲାଗିଲେ ତୋର କି ଗଲା ? ସଭ୍ୟ ମଣିଷ କହିଲା– ଆରେ ! ଗ୍ୟାସ ମିଳିବନି, ରାନ୍ଧିବୁ କେମିତି, ଖାଇବୁ କ'ଣ ? ଶୁକ୍ରୁର ଆଶ୍ଚର୍ଯ୍ୟର ସୀମା ରହିଲାନି । ତା' ପାଟିରୁ ବାହାରି ପଡ଼ିଲା– କାଇଁ, ତୋର ଘରେ କିସ୍ କାଠ୍ ନାଇଁ ? ନଥିଲେ ତୋର କନିଆଁକୁ କହ ଜଙ୍ଗଲରୁ କାଠ ଆଣିବ । (ଆଦିବାସୀ ସମ୍ପ୍ରଦାୟରେ ଜାଳକାଠ ସଂଗ୍ରହ କରିବା କାମ ମହିଳାମାନଙ୍କର) । ସଭ୍ୟ ମଣିଷର ଆଖିଆଗରେ ନାଚିଗଲା ସ୍ତ୍ରୀର ସୁକୋମଳ ହାତ, ନେଲପଲିଶ ରଂଜିତ ମୁଦ୍ରିକା ଖଚିତ ଆଙ୍ଗୁଠି ଯାହାକୁ ବେଳେବେଳେ ଗ୍ୟାସ ଚୁଲିରେ ବି ରୋଷେଇ କରିବାକୁ ଏତେ କଷ୍ଟ ହୁଏ ଯେ, ଗଣ୍ଡାଏ ଖାଦ୍ୟ ପାଇଁ ସ୍ୱିଗି, ଜୋମାଟୋ କମ୍ପାନୀଙ୍କ ସହାୟତା ନିଆଯାଏ । ସେଇ ହାତ ବଣରୁ କାଠଗୋଛା ଆଣି, କାଠଚୁଲିରେ ରାନ୍ଧି, ପାଉଁଶରେ କଳାହାଣ୍ଡି ମାଜିବ ! ଶୁକ୍ରୁର କେଡ଼େ ଆସ୍ପର୍ଦ୍ଧା ! ଛାଡ଼, ସେକଥା ସେ ବୁଝି ପାରିବନି । କିନ୍ତୁ ତେଲ ସମସ୍ୟାଟା ତ ବୁଝିପାରିବ ନା ! ଅତଃ, ସେ ପୁଣି ବୁଝେଇବାକୁ ଚେଷ୍ଟା କଲା– ଆରେ ଶୁକ୍ରୁ, କାଠ ସିନା ମିଳିଯିବ, କିନ୍ତୁ ରାନ୍ଧିବୁ କ'ଣ ? ଡିଜେଲ ନଆସିଲେ ଗାଡ଼ି କେମିତି ଚାଲିବ ? ଗାଡ଼ି ନଚାଲିଲେ ଆନ୍ଧ୍ରରୁ ମାଛ, ପଶ୍ଚିମ ବଙ୍ଗରୁ ଆଳୁ, ମହାରାଷ୍ଟ୍ରରୁ ପିଆଜ, ପଞ୍ଜାବରୁ ଗହମ, ଅଷ୍ଟ୍ରେଲିଆରୁ ଡାଲି, ମାଲେସିଆରୁ ତେଲ ଇତ୍ୟାଦି କେମିତି ଆସିବ ଯେ ରାନ୍ଧିକି ଖାଇବୁ ? ଶୁକ୍ରୁ ଘଡ଼ିଏ ଆବାକାବା ହେଇ ଚାହିଁଲା । ତାହାପରେ କହିଲା– ତୋର କୋଉ ରାଇଜରେ ଘର କି ? ତମ ରାଇଜରେ କିସ ବଣରେ ଆଳୁ, କନ୍ଦା, ଫଳ, କୋଳି, ଶାଗ, ଛତୁ ମିଳେନି ? ପଶୁ, ପକ୍ଷୀ ଶିକାର କରିବାକୁ ମିଳେନି ? ଝରଣାରେ ମାଛ, କଙ୍କଧା, ଗେଣ୍ଡା, କୋଚିଆ, କିଛି ମିଳେନି ? ତୁଇ କିସ ବିଲରେ ଧାନ, ମାଣ୍ଡିଆ ଚାଷ କରୁନୁ ? ତୋର ଘରେ ଛେଳି କୁକୁଡ଼ା ପାଳିନୁ ? ଚାଳରେ ଲାଉ କଖାରୁ ଲଟେଇନୁ ? ସବୁ ଚିଜ ପର ଘରୁ ମାଗିଆଣି ଖାଉଚୁ ? କିଛି ନାଇଁ ଯଦି ଆମ ଗାଁରେ ଆସିକରି ରହ । ବୀର ବଙ୍ଗା (ବଣ ଦେବତା)ର ଆମ ଉପରେ ବହୁତ ଦୟା । କେବେହେଲେ ପେଟ ଭୋକରେ ରଖିନି । ଏଇଟା ନହେଲେ ସେଇଟା ଦେଇଛି । ଆମ ଗାଁ ଲୋକେ କେବେହେଲେ କାହା ଦୁଆରକୁ ଖାଇବା ମାଗିବାକୁ ଯାଇନାହାଁନ୍ତି । ସହରର ବତିଶି ମହଲାରେ ରହୁଥିବା ସଭ୍ୟ ମଣିଷ ଲାଜରେ ମୁଣ୍ଡ ନୁଆଁଇ ଦେଲା । ଆଜିଯାଏଁ ସେ ଯେତେ ପ୍ରାଚୁର୍ଯ୍ୟ ଭୋଗ କରୁଥିଲା, ସେସବୁ ଯେ ମାଗିଆଣିଲା ତିଅଣ ବୋଲି ଆଜି ତା'ର ହୃଦ୍ବୋଧ ହେଲା । ଶୁକ୍ରୁ ଆଗରେ ସେ ବଡ଼ ଅସହାୟ ବୋଧ କଲା । ହଠାତ୍ ମନକୁ କଥାଟାଏ ଆସିଲା । ଭାବିଲା, ଏଇ କଥାଟା କହିଲେ ହୁଏତ ଶୁକ୍ରୁ ଟିକେ ଚିନ୍ତିତ ହେବ । ଆରେ ଶୁକ୍ରୁ ! ଯୁଦ୍ଧ ପାଇଁ ଖାଲି କ'ଣ ଜିନିଷପତ୍ରର ଅଭାବ ଚିନ୍ତା କି ? ମୋର ପୁଅ ଆମେରିକାରେ, ଆଉ ଝିଅ କତାରରେ । ଛୁଆଗୁଡ଼ାଙ୍କ ପାଇଁ ରାତିରେ ଶୋଇପାରୁନି । କି ସାଙ୍ଘାତିକ ଅବସ୍ଥା ! ସେମାନେ ସେଠୁ ଆସିପାରୁନାହାଁନ୍ତି, ତାଙ୍କ ଜୀବନ ବଡ଼ ବିପଦରେ । ଥରେ ପଳେଇ ଆସିଲେ ଚାକିରି ଯିବ, ଆଉ ମିଳିବ କି ନାହିଁ ସନ୍ଦେହ । ସେଠି ଯୋଉ ଚାକିରି, ଯୋଉ ଦରମା ଏଠି କୋଉଠି ମିଳିବ ? ଶୁକ୍ରୁ ସମ୍ଭାଳି ପାରିଲାନି । ବିରକ୍ତ ହେଇ କହିଲା– ତୋର ଘରେ କିସ ଭାତ ଭୁଜା କିଛି ନଥିଲା ? ଛୁଆମାନଙ୍କୁ ଭାତ ଲାଗି ପର ଦେଶକୁ ମୁଲ ଖଟିବାକୁ ପଠେଇଛୁ ? ସଭ୍ୟ ମଣିଷ ଭାବୁଥିଲା, ଶୁକ୍ରୁ କୋଉଠୁ ବୁଝିବ ଯେ ସଭ୍ୟ ମଣିଷର ଖାଲି ଭାତ ଗଣ୍ଡାଏରେ ପେଟ ପୂରେନି, ତା'ର ଆହୁରି କେତେ ଭୋକ । ଶୁକ୍ରୁ ଭର୍ତ୍ସନା କରୁଥିଲା– ତୁଇଟା କି ବାପା କିରେ ? ଆଣ୍ଠୁକୁଡା ହେଇଥିତୁ ହେଲେ ଭଲ ହେଇଥିତା । ହଉ ତୁଇ ଯାଃ ! ରାଇକା ଆଇବାର ବେଳ ହେଲାଣି । ତୋକେ ଦେଖିକରି ତରକି ଯିବ ଯେ ! ଶୁକ୍ରୁ ପୁଣି ବଂଶୀ ବାଦନରେ ତଲ୍ଲୀନ ହୋଇଗଲା ।

ନୂଆ କରମର୍ଦ୍ଦନ

ଉଚ୍ଚକୋଟୀର ବୈଜ୍ଞାନିକ ଗବେଷଣା ପତ୍ର ପ୍ରସ୍ତୁତିରେ ଭାରତର ସ୍ଥାନ ପୃଥିବୀରେ ତୃତୀୟ, ଅର୍ଥାତ୍ ଭାରତୀୟ ବୈଜ୍ଞାନିକ ପ୍ରତିଭା ଈର୍ଷଣୀୟ ସ୍ତରର ! ତେଣୁ ସାଂପ୍ରତିକ ଆବଶ୍ୟକତା ହେଉଛି 'ଆର ଏଣ୍ଡ ଡି' କ୍ଷେତ୍ରକୁ ପ୍ରାଣବନ୍ତ କରିବା, ଯଦ୍ଵାରା ଭାରତ ଅନେକ ବିଷୟରେ ଆତ୍ମନିର୍ଭର ହେବା ସହିତ ସେହି ନିଅଂଟିଆ ଦମ୍ଭର ଭରଣା କରନ୍ତା, ଯେଉଁ ନିଅଂଟ ହେତୁ ଆମେରିକାର ଦେହବଳିଆ ଉପଦ୍ରବ ସମକ୍ଷରେ ଭାରତ ଅସହାୟ ଭାବେ ନିରବ ରହିବାକୁ ବାଧ ହୋଇ ସମାଲୋଚନାର ଶରବ୍ୟ ହେଉଛି । ଏଭଳି ସ୍ଥିତିରେ ଏହା ମଧ ଉଚିତ ହୁଅନ୍ତା, ଯଦି ବିରୋଧୀ ଦଳଗୁଡ଼ିକ ସମାଲୋଚନାର ଉଚ୍ଚାଟ ସୃଷ୍ଟି କରିବା ପରିବର୍ତ୍ତେ 'ଆର ଏଣ୍ଡ ଡି' କ୍ଷେତ୍ରରେ ଅଧିକ ପୁଂଜି ନିବେଶ ଲାଗି ଚାପ ସୃଷ୍ଟି କରନ୍ତେ ବା ଉପଯୁକ୍ତ ବାତାବରଣ ସମ୍ଭବ କରିବା ଦିଗରେ ସହଯୋଗ କରନ୍ତେ ।ପୃଥିବୀ ସାରା 'ଇଂଟରନେସନାଲ ରିଲେସନ୍ସ' ବା 'ଆନ୍ତର୍ଜାତିକ ସଂପର୍କ' ବିଷୟବସ୍ତୁର ଛାତ୍ରଛାତ୍ରୀ, ଗବେଷକ ଓ ବିଦ୍ୱାନ ମାନଙ୍କ ସକାଶେ ସହସା ଏକ ଅତ୍ୟନ୍ତ କୌତୂହଳପ୍ରଦ ସମୟ ଉପସ୍ଥିତ ହୋଇଛି, ଯହିଁରେ ଦ୍ୱିତୀୟ ମହାଯୁଦ୍ଧ ଉପରାନ୍ତ କାଳରେ ସୃଷ୍ଟ ଏବଂ ଏକ ନିର୍ଦ୍ଦିଷ୍ଟ ଧାରାରେ ବିବର୍ତ୍ତିତ ହୋଇ ଆସିଥିବା 'ପୃଥିବୀ-ଶୃଙ୍ଖଳା'ରେ ଭୂଚଳନ ସୁଲଭ ପରିବର୍ତ୍ତନ ଘଟିବା ଆରମ୍ଭ ହୋଇଛି । ଗଲା ଶତାବ୍ଦୀର ନବମ ଦଶକରେ ବର୍ଲିନ ପ୍ରାଚୀରର ପତନ ଓ ସୋଭିଏତ ସଂଘର ବିଘଟନ ପରେ ଧାରଣା ବଦ୍ଧମୂଳ ହୋଇଥିଲା ଯେ ଆପାତତଃ ବାମପନ୍ଥୀ ଶାସନ ବ୍ୟବସ୍ଥା ହୀନବଳ ହୋଇ ଯାଇଛି ଏବଂ 'ଆନ୍ତର୍ଜାତିକ ସଂପର୍କ'ର 'ରିସେଟ୍' ବା 'ପୁନର୍ବିନ୍ୟାସ' କ୍ଷଣରେ ପୁଂଜିବାଦ ଦ୍ୱାରା ପରିଚାଳିତ ବଜାର-କେ ?ନ୍ଦ୍ରିକ ଅର୍ଥନୀତି ଓ ଉଦାରବାଦୀ ଗଣତନ୍ତ୍ର ସକାଶେ ରାଜପଥ ପ୍ରଶସ୍ତ ହୋଇଛି; ଯହିଁରେ ଅନିର୍ବଚନୀୟ ନେତୃତ୍ୱ ପ୍ରଦାନକାରୀ ରାଷ୍ଟ୍ର ହେବ ଯୁକ୍ତରାଷ୍ଟ୍ର ଆମେରିକା ! କିନ୍ତୁ, ତିନି ଦଶନ୍ଧି ପୂରୁ ନ ପୂରୁଣୁ ଆମେରିକାର କେତେକ ଆତ୍ମଘାତୀ ଆଚରଣରୁ ପୁଣି ପ୍ରତୀତ ହେଲାଣି ଯେ ପୃଥିବୀ ହୁଏତ ଖୁବ୍ ଶୀଘ୍ର ପାର୍ଶ୍ୱ ପରିବର୍ତ୍ତନ କରିବ ! କହିବା ବାହୁଲ୍ୟ ଯେ ସମଗ୍ର ପୃଥିବୀ ସକାଶେ ଏହା ଏକ ତରଳ ଅନିଶ୍ଚିତତାର ବେଳ । ଏଭଳି ସ୍ଥଳେ ଭାରତର ସ୍ଥିତି ଏବଂ ଭବିଷ୍ୟତକୁ ନେଇ ଏକ କ୍ଷୁଦ୍ର ଆକଳନ ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରଥମ କଥା ହେଲା, ଇରାନ-ଆମେରିକା ଯୁଦ୍ଧ ପରବର୍ତ୍ତୀ ଦୃଶ୍ୟପଟ ପ୍ରମାଣ କରିଛି ଯେ ମଧ-ପ୍ରାଚ୍ୟସ୍ଥ ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସର ଭଣ୍ଡାର ଏଣିକି ଆଉ ସୁରକ୍ଷିତ ବା ଭରସାଯୋଗ୍ୟ ହୋଇ ରହି ନ ପାରେ ! କାରଣ, ଏହି ଯୁଦ୍ଧର ଅବସାନ ଘଟିଲେ ମଧ ଶଂସିତ ଅଂଚଳକୁ ସ୍ଥାୟୀ ଶାନ୍ତି ପ୍ରତ୍ୟାବର୍ତ୍ତନ କରି ନ ପାରେ ! ଅନେକ ପର୍ଯ୍ୟବେକ୍ଷକଙ୍କ ଅନୁମାନ ଯେ ଏହି ତିକ୍ତ ଅଭିଜ୍ଞତା ପରେ ଇରାନ କଳେବଳେ କୌଶଳେ ପରମାଣୁ ବୋମା ନିର୍ମାଣର ସାମର୍ଥ୍ୟ ହାସଲ କରିବ; କାରଣ ତାହା ହିଁ ହେବ ତାକୁ ଭବିଷ୍ୟତରେ କୌଣସି ବାହ୍ୟ ଆକ୍ରମଣ ଆଶଙ୍କାରୁ ମୁକ୍ତ ରଖିବାର ଗ୍ୟାରେଟିଂ କାରଣ ଦେଖାଯାଇଛି ଯେ ଆମେରିକା କୌଣସି ପରମାଣୁ ଅସ୍ତ୍ରଧାରୀ ରାଷ୍ଟ୍ର ଉପରେ ଆକ୍ରମଣ କରିନାହିଁ; ଏପରି କି ଏହି କାରଣରୁ ଉତ୍ତର କୋରିଆ ଭଳି ଏକ ଗୋଠ ଖଣ୍ଡିଆ ରାଷ୍ଟ୍ର ତା'ର ମାଂସପେଶୀକୁ ଆମେରିକା ବିରୋଧରେ ଫୁଲାଇ ଆସୁଥିଲେ ହେଁ ଆମେରିକା ତାକୁ ନଜରଅନ୍ଦାଜ କରିଥାଏ । ଏଭଳି ପରିସ୍ଥିତିରେ, ଇସ୍ରାଏଲ ଓ ଇରାନ ମଧ୍ୟରେ ରହି ଆସିଥିବା ଶତ୍ରୁତା ପରିପ୍ରେକ୍ଷୀରେ, ମଧ-ପ୍ରାଚ୍ୟର ସ୍ଥିତି ଦୀର୍ଘ କାଳ ଧରି ଉତ୍ତେଜନା ପ୍ରବଣ ହୋଇ ରହିପାରେ । କେବଳ ସେତିକି ନୁହେଁ, ଏହି ଯୁଦ୍ଧରେ ଗଭୀର ଭାବେ କ୍ଷତବିକ୍ଷତ ହୋଇଥିଲେ ହେଁ ପୃଥିବୀର ତଟିଂକୁ ଚିପି ଧରିବାର ବାଗଟି ଇରାନ ଆବିଷ୍କାର କରି ସାରିଛି ! ଏହା ହୃଦ୍‌ବୋଧ ହେଲାଣି ଯେ ହର୍ମୁଜ ଜଳ ଡମ୍ବରୁ ('ଷ୍ଟ୍ରେଟ୍')ର କୃଶ କଟୀ ଦେଶ ମଧ ଦେଇ ଜାହାଜ ଚଳାଚଳକୁ (ପୃଥିବୀର ପ୍ରାୟ ୨୦% ଅଶୋଧିତ ତୈଳ ଏହି ପଥ ଦେଇ ପରିବାହିତ ହୋଇଥାଏ) ଅବରୋଧ କରି ଇରାନ ସମଗ୍ର ପୃଥିବୀକୁ ତୀବ୍ର ଶକ୍ତି ସଂକଟ ମଧକୁ ନିକ୍ଷେପ କରି ଦେଇପାରେ ! ଏଭଳି ସ୍ଥଳେ ରାଷ୍ଟ୍ରଗୁଡ଼ିକ ବିକଳ୍ପ ଶକ୍ତି ଉତ୍ସ ମନସ୍କ ହେବା ସ୍ୱାଭାବିକ, ଯେମିତି ଆଣବିକ ଶକ୍ତି ଉତ୍ପାଦନ ସକାଶେ ଜାପାନ ଓ ଜର୍ମାନି ପୁନର୍ବାର ଆଗଭର ହେଲେଣି ! ପ୍ରକାଶ ଥାଉ କି ଫୁକୁସିମା ଦୁର୍ଘଟଣା ପରେ ଉଭୟ ଜାପାନ ଓ ଜର୍ମାନି ନିରାପତା, ରକ୍ଷଣାବେକ୍ଷଣର ବିପୁଳ ବ୍ୟୟ ଏବଂ ପୁନଃ ନବୀକରଣକ୍ଷମ ଶକ୍ତିର ପ୍ରୋତ୍ସାହନ ସକାଶେ ଆଣବିକ ଶକ୍ତି ପ୍ରକଳ୍ପଗୁଡ଼ିକୁ ବନ୍ଦ କରି ଦେଉଥିଲେ; ଏପରି କି ୨୦୨୩ ମସିହାରେ ଜର୍ମାନିର ସମସ୍ତ ଆଣବିକ ଶକ୍ତି ପ୍ରକଳ୍ପ ବନ୍ଦ ହୋଇଯାଇଥିଲା । ସେମିତି ବିଜୁଳି ଶକ୍ତି ମଧ ଏକ ବିକଳ୍ପ ଉତ୍ସ ରୂପେ ଆବିର୍ଭୂତ ହୋଇଛି; ଯହିଁରେ ବିଜୁଳିର ଭଣ୍ଡାର ଭାବେ ଉଚ୍ଚ ଦକ୍ଷତା ସଂପନ୍ନ ବ୍ୟାଟେରି ଓ ସେଭଳି ବ୍ୟାଟେରି ନିର୍ମାଣର ପ୍ରଯୁକ୍ତି ଅତ୍ୟନ୍ତ ଆକର୍ଷଣୀୟ ହୋଇ ଉଠିଛି । କହିବା ବାହୁଲ୍ୟ ଯେ ଏହି କ୍ଷେତ୍ରରେ ଚୀନ ହେଉଛି ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ ଏବଂ ଏଭଳି ବ୍ୟାଟେରି ନିର୍ମାଣ ସକାଶେ କଚାଂମାଲ ରୂପେ ଲୋଡ଼ା ଯାଉଥିବା 'କ୍ରିଟିକାଲ ମିନେରାଲ୍ ?ସ'ର ଯୋଗାଣ କ୍ଷେତ୍ରରେ ଅବିସଂବାଦିତ ଏକାଧିପତି ! ସୁତରାଂ, ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଚୀନ ଆଡ଼କୁ ଢଳିବାର ଉପକ୍ରମ କରିବା ସ୍ୱାଭାବିକ, ଯାହାର ଲକ୍ଷଣ ମଧ ଦିଶିଲାଣି (କାନାଡା, ଫ୍ରାନସ, ସ୍ପେନ, ଜର୍ମାନି, ହଙ୍ଗେରି, ଇଟାଲୀ ଇତ୍ୟାଦି), ଯେଉଁ କାରଣରୁ ଅଚିରେ ଚୀନକୁ କେନ୍ଦ୍ର କରି ଅନେକ ରାଷ୍ଟ୍ରଙ୍କ ସୌର ମଣ୍ଡଳଟିଏ ଆବିର୍ଭୂତ ହେବାର ସମ୍ଭାବନା ଉଜ୍ଜ୍ୱଳ । କହିବା ବାହୁଲ୍ୟ ଯେ ଚୀନ ଭଳି କୌଣସି ସୁଦୃଶ୍ୟ ପ୍ରଭାବ ସୃଷ୍ଟି କରିବାରେ ବିଫଳ ହୋଇଥିବାରୁ ଟ୍ରମ୍ପଙ୍କ ଉପଦ୍ରବ ସମକ୍ଷରେ ଭାରତ ଦମ୍ଭହୀନ ଭଳି ଦିଶିଥାଏ । ପ୍ରଶ୍ନ ଉଠିଥାଏ ଯେ ଜନସାଂଖ୍ୟିକ ସୁବିଧା ସତ୍ତ୍ୱେ ଦକ୍ଷତାରେ ବିକାଶ ଘଟାଇ ଭାରତ କାହିଁକି ଚୀନ ଭଳି ପୃଥିବୀର ଆଉ ଏକ ବୃହତମ ନିର୍ମାଣ କେନ୍ଦ୍ରରେ ପରିଣତ ହୋଇପାରିଲା ନାହିଁ, ଯାହା ଭାରତକୁ ଏଭଳି ସମୟରେ ଦମ୍ଭ ପ୍ରଦାନ କରିଥାଆନ୍ତା ଏହାର ଏକାଧିକ ଉତର ମଧ୍ୟରୁ ଗୋଟିଏ ହେଲା କ୍ଷମତାସୀନ ସରକାରଗୁଡ଼ିକର ଇଚ୍ଛାଶକ୍ତି, ନିଷ୍ଠା ଓ ଦୂରଦର୍ଶିତାର ଅଭାବ ! ଭାରତ ପୃଥିବୀର ବୃହତମ କୋଇଲା ଭଣ୍ଡାର ହୋଇଥିଲେ ହେଁ କୋଇଲାର 'ଗ୍ୟାସିଫିକେସନ' ବା 'ବାଷ୍ପୀକରଣ' ଜରିଆରେ ପରିଚ୍ଛନ୍ନ ଶକ୍ତି ଉତ୍ସ ଭାବେ ପ୍ରାକୃତିକ ଗ୍ୟାସ ସୃଷ୍ଟିର ଉଦ୍ୟମ ଆରମ୍ଭ ହୋଇଛି ଏଇ ମାତ୍ର ଦୁଇ ବର୍ଷ ତଳେ, ଅର୍ଥାତ୍ ୨୦୨୪ ମସିହାରୁ, ଯହିଁରେ ୨୦୩୦ ମସିହା ସୁଦ୍ଧା ୧ ନିୟୁତ ଟନ କୋଇଲାର ବାଷ୍ପୀକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିଭଳି ସମଗ୍ର ପୃଥିବୀର ଥୋରିଅମ ଭଣ୍ଡାରର ୨୫% ଭାରତରେ ଉପଲବ୍ଧ; ଯେଉଁ ବିକୀରଣକ୍ଷମ ଖଣିଜରୁ ଆଣବିକ ଶକ୍ତି ଉତ୍ପାଦନ ଲକ୍ଷ୍ୟରେ ଗଲା ଶତାବ୍ଦୀର ପଂଚମ ଦଶକରେ 'ଭାବା ଆଣବିକ ଗବେଷଣା କେନ୍ଦ୍ର' ବା 'ବାର୍କ' ଆତ୍ମପ୍ରକାଶ ଲାଭ କରିଥିଲା; କିନ୍ତୁ, ବିପୁଳ ଥୋରିଅମ ଉପଲବ୍ଧତାର ସୁଯୋଗକୁ ଭାରତ ଏକ ଆୟୁଧରେ ପରିଣତ କରିପାରିନାହିଁ । ଏଠାରେ ଏ ସବୁ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଲା, ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟ ରାଷ୍ଟ୍ରଗୁଡ଼ିକ ଲାଗି ଯୋଗାଣର ସୂତ୍ର ହେବାରେ ଭାରତ ନିକଟରେ କେତେକ ପ୍ରାଚୁର୍ଯ୍ୟ ଥିଲେ ହେଁ ତା'ର ଉପଯୋଗ ନେଇ ଚୀନ ତୁଲ୍ୟ ସକ୍ରିୟତା ପ୍ରଦର୍ଶିତ ହୋଇନାହିଁ । ଏହାର ଏକ ପ୍ରମୁଖ କାରଣ ହେଉଛି ଚଳଚଂଚଳତାଶୂନ୍ୟ ଗବେଷଣା ଓ ବିକାଶ ବା 'ଆର ଏଣ୍ଡ ଡି' କ୍ଷେତ୍ର; ଯହିଁରେ ବ୍ୟୟ ଅଟକଳର ପରିମାଣ ହେଉଛି ମୋଟ 'ଜି.ଡି.ପି.' (ପ୍ରାୟ ୪ ଟ୍ରିଲିଅନ ଡଲାର)ର ମାତ୍ର ୦.୬୭ ପ୍ରତିଶତ । ପ୍ରକାଶ ଥାଉ କି ଚୀନରେ ଏହି ପରିମାଣ ହେଉଛି ଜି.ଡି.ପିର ପ୍ରାୟ ୩.୫%, ଯେଉଁଠି ଜି.ଡି.ପି. ର ଆକାର ହେଉଛି ପ୍ରାୟ ୨୦ ଟ୍ରିଲିଅନ ଡଲାର । ଏଭଳି ସ୍ଥିତିର ଦୁଃଖଦ ପ୍ରତିଫଳନ ଘଟିଥାଏ ପ୍ରାୟ ଚାରି ଦଶନ୍ଧି ଧରି ଚାଲି ଆସିଥିବା 'କାବେରୀ' ପ୍ରକଳ୍ପର ବିଫଳତାରେ, ଯାହା ଏ ଯାବତ୍ ନିଜସ୍ୱ ଉଦ୍ୟମରେ ଲଢୁଆ ଯୁଦ୍ଧ ବିମାନର ଇଂଜିନଟିଏ ସୁଦ୍ଧା ନିର୍ମାଣ କରିବାରେ ସମର୍ଥ ହୋଇନାହିଁ; ଅଥଚ ଚୀନ ସଂପୂର୍ଣ୍ଣ ନିଜସ୍ୱ ଜ୍ଞାନ-କୌଶଳରେ ଷଷ୍ଠ ପିଢ଼ିର ଲଢୁଆ ବିମାନ ନିର୍ମାଣ କରି ସାରିଲାଣି । ଏଭଳି ସ୍ଥଳେ ଅସଂଗତିଟି ହେଲା, ଉଚ୍ଚକୋଟୀର ବୈଜ୍ଞାନିକ ଗବେଷଣା ପତ୍ର ପ୍ରସ୍ତୁତିରେ ଭାରତର ସ୍ଥାନ ପୃଥିବୀରେ ତୃତୀୟ, ଅର୍ଥାତ୍ ଭାରତୀୟ ବୈ ?ଜ୍ଞାନିକ ପ୍ରତିଭା ଈର୍ଷଣୀୟ ସ୍ତରର ! ତେଣୁ ସାଂପ୍ରତିକ ଆବଶ୍ୟକତା ହେଉଛି 'ଆର ଏଣ୍ଡ୍ ଡି' କ୍ଷେତ୍ରକୁ ପ୍ରାଣବନ୍ତ କରିବା, ଯଦ୍ଵାରା ଭାରତ ଅନେକ ବିଷୟରେ ଆତ୍ମନିର୍ଭର ହେବା ସହିତ ସେହି ନିଅଂଟିଆ ଦମ୍ଭର ଭରଣା କରନ୍ତା, ଯେଉଁ ନିଅଂଟ ହେତୁ ଆମେରିକାର ଦେହବଳିଆ ଉପଦ୍ରବ ସମକ୍ଷରେ ଭାରତ ଅସହାୟ ଭାବେ ନିରବ ରହିବାକୁ ବାଧ ହୋଇ ସମାଲୋଚନାର ଶରବ୍ୟ ହେଉଛି । ଏଭଳି ସ୍ଥିତିରେ ଏହା ମଧ ଉଚିତ ହୁଅନ୍ତା, ଯଦି ବିରୋଧୀ ଦଳଗୁଡ଼ିକ ସମାଲୋଚନାର ଉଚ୍ଚାଟ ସୃଷ୍ଟି କରିବା ପରିବର୍ତ୍ତେ 'ଆର ଏଣ୍ଡ ଡି' କ୍ଷେତ୍ରରେ ଅଧିକ ପୁଂଜି ନିବେଶ ଲାଗି ଚାପ ସୃଷ୍ଟି କରନ୍ତେ ବା ଉପଯୁକ୍ତ ବାତାବରଣ ସମ୍ଭବ କରିବା ଦିଗରେ ସହଯୋଗ କରନ୍ତେ । ଏଥିରେ ଦ୍ୱିଧା ନାହିଁ ଯେ ଡୋନାଲ୍ଡ ଟ୍ରମ୍ପଙ୍କ 'ମାଗା' (ମେକ ଆମେରିକା ଗ୍ରେଟ ଏଗେନ) ବ୍ରାଣ୍ଡର ରାଜନୀତି, କୂଟନୀତି, ରଣନୀତି ଓ ବ୍ୟବସାୟ ନୀତି ହେତୁ, ଶତ୍ରୁ-ମିତ୍ର ନିର୍ବିଶେଷରେ, କୌଣସି ରାଷ୍ଟ୍ରଙ୍କ ସକାଶେ ଯୁକ୍ତରାଷ୍ଟ୍ର ଆମେରିକା ଆଉ ପୂର୍ବ ଭଳି ଭରସାଯୋଗ୍ୟ ହୋଇ ରହିନାହିଁ; କେବଳ ସେତିକି ନୁହେଁ, ଟ୍ରମ୍ପଙ୍କ ବିଚାରଧାରା ବା ଦର୍ଶନରେ ଦୀକ୍ଷିତ ଅସଂଖ୍ୟ ଅନୁସରଣକାରୀ ଓ ଉତରାଧିକାରୀ ଟ୍ରମ୍ପଙ୍କ ପ୍ରତିରୂପ ଭାବେ ଆମେରିକାର ଶାସନ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିପାରନ୍ତି ମଧ ! ତେଣୁ ଅନେକ ରାଷ୍ଟ୍ର, ବିଶେଷ କରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ, ଆମେରିକା ଦ୍ୱାରା ପ୍ରତାରିତ ହୋଇ ଚୀନ ସହିତ କରମର୍ଦ୍ଦନ କରିବାକୁ ଉଦ୍ ?ଗ୍ରୀବ ହେଉଛନ୍ତି । ଏହା ସତ ଯେ ଶ୍ୱେତାଙ୍ଗ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସକାଶେ ଆମେରିକା ସର୍ବଦା ଏକ ସ୍ୱାଭାବିକ ପସନ୍ଦ ହୁଅନ୍ତା । କିନ୍ତୁ ଟ୍ରମ୍ପଙ୍କ ଆମେରିକା ଦ୍ୱାରା ପ୍ରତାରିତ ସେମାନେ ଏବେ ଚୀନର ସାମୀପ୍ୟରୁ ସଂପର୍କର ଉଷ୍ମତା ଖୋଜୁଛନ୍ତି ! କିନ୍ତୁ କଥା ହେଲା ସେମାନଙ୍କ ସହିତ କର ମର୍ଦ୍ଦନ ସକାଶେ ଲୌହ ପରଦା ଅନ୍ତରାଳରୁ ଲମ୍ବି ଆସୁଥିବା ଚୀନର ହାତ ମଧ ବିଶେଷ ଭରସାଯୋଗ୍ୟ ହୋଇ ନ ପାରେ !

ସୁସ୍ଥ ମାତୃତ୍ୱରୁ ସୁରକ୍ଷିତ ଭବିଷ୍ୟତ

ଆମ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଅନୁପ୍ରେରକ ହେଉଛନ୍ତି ମାତୃଶକ୍ତି । ପରିବାର ଭିତ୍ତିକ ଆମ ସଂସ୍କୃତିରେ ନାରୀ ହେଉଛି ପରିବାରର ମୂଳାଧାର । ସେ ମାଆ ରୂପରେ କେବଳ ଜନ୍ମଦାତ୍ରୀ ନୁହେଁ, ବରଂ ସଂସ୍କାରର ଆଦ୍ୟ ଗୁରୁ ତ କେତେବେଳେ ପୁଣି ଭଉଣୀ ରୂପରେ ସ୍ନେହ ଏବଂ ଆନନ୍ଦର ସୂତ୍ରଧର, ଆଉ ପୁଣି କେତେବେଳେ ସହଧର୍ମିଣୀ ରୂପେ ସୁଖ, ଦୁଃଖ ତଥା ସଫଳତା-ବିଫଳତାର ସାଥୀ ଏବଂ ବାନ୍ଧବୀ ଆକାରରେ ସହଯୋଗୀ ଅଟେ । ସେ ପରିବାରକୁ ସଂଗଠିତ ରଖିବା ସହ ସାଂସ୍କୃତିକ ଐତିହ୍ୟକୁ ପିଢ଼ି ପର ପିଢ଼ିକୁ ପରିବହନ କରେ । ତାହାରି କୋଳରେ ଝୁଲି ଝୁଲି ଗଢ଼ିଉଠେ ସମୃଦ୍ଧ ସମାଜ । ବିକଶିତ ସମାଜ ପ୍ରତି ନାରୀର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ଆମ ସରକାର ହୃଦ୍ବୋଧ କରିଛନ୍ତି । ମାତୃତ୍ୱର ସୁରକ୍ଷା ତଥା ଭାରତୀୟ ମହିଳାମାନଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ସାଧାରଣ କର୍କଟ ରୋଗ ଭାବେ ଚିହ୍ନଟ ହୋଇଥିବା ଜୀବନଘାତୀ ରୋଗମାନଙ୍କ ମଧ୍ୟରୁ, ଅନ୍ୟତମ ଜରାୟୁ ଗ୍ରୀବା କର୍କଟକୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ କରିବା ପାଇଁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଗତ ଫେବ୍ରୁଆରୀ ୨୮ ତାରିଖ ରାଜସ୍ଥାନର ଆଜମେର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଜାତୀୟ ମାନବ ପାପିଲୋମା ଭାଇରସ୍ (ଏଚପିଭି) ଟୀକାକରଣ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି । ଦେଶବ୍ୟାପୀ ଏହି ଅଭିଯାନ ନିମନ୍ତେ ୧୭,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଓଡ଼ିଶା ପରିପ୍ରେକ୍ଷୀରେ ମଧ ଭୁବନେଶ୍ୱର ସ୍ଥିତ କୃଷି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନରେ ରାଜ୍ୟର ମୋଟ୍ ୩,୩୬,୬୭୧ ଜଣ କିଶୋରୀଙ୍କୁ ଟୀକାକରଣ କରାଯିବାର ବ୍ୟାପକ ଲକ୍ଷ୍ୟ ରଖାଯାଇଛି । ସଂକ୍ଷିପ୍ତରେ ବୁଝିବାକୁ ଗଲେ, ଜରାୟୁ ବା ଗର୍ଭାଶୟର ନିମ୍ନ ଭାଗକୁ ଗ୍ରୀବା (ସର୍ଭିକ୍ସ) କୁହାଯାଏ ଏବଂ ଏହି ଅଂଶରେ କର୍କଟ ରୋଗ ଉତ୍ପନ୍ନ ହୁଏ । ମାନବ ପାପିଲୋମା ଭାଇରସ୍ ଶରୀରରେ ଦୀର୍ଘ ସମୟ ଧରି ରହିବା ଫଳରେ ଧୀରେ ଧୀରେ କର୍କଟ ରୂପ ଧାରଣ କରେ, କିନ୍ତୁ ଏହା ଆରମ୍ଭରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଯାହାଦ୍ୱାରା ଅନେକ ମହିଳା ଏହାକୁ ପ୍ରଥମେ ଜାଣିପାରନ୍ତି ନାହିଁ ଓ ଶେଷ ଅବସ୍ଥାରେ ରୋଗ ଚିହ୍ନଟ କରାନ୍ତି । ବିଶେଷକରି ଗ୍ରାମୀଣ ଅଂଚଳରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତାର ଅଭାବ ରୋଗକୁ ଅଧିକ ଭୟାବହ କରିଦେଇଛି । ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ ପ୍ରାୟ ୯୯.୭% ଜରାୟୁ ଗ୍ରୀବା କର୍କଟ ରୋଗର ମୂଳ କାରଣ ହେଉଛି ମାନବ ପାପିଲୋମା ଭାଇରସ୍ ସଂକ୍ରମଣ । କିନ୍ତୁ ଏହି ମାରାତ୍ମକ ରୋଗର ସଂକ୍ରମଣକୁ ନିବାରଣ କରିବା ପାଇଁ ଆମ ସରକାର ଅଟାଂ ଭିଡ଼ିଛନ୍ତି । ଯେଉଁ ଟୀକାର ମୂଲ୍ୟ ବାହାରେ ପ୍ରାୟ ଚାରି ହଜାର ଟଙ୍କା ପଡ଼ିଥାଏ, ତାହାର ନିଃଶୁଳ୍କ ବ୍ୟବସ୍ଥା କରାଯାଇଛି । ଏହି ଟୀକା ଶରୀରକୁ ମାନବ ପାପିଲୋମା ଭାଇରସ୍ ବିରୋଧରେ ସୁରକ୍ଷା ଦିଏ ଓ ଭବିଷ୍ୟତରେ କର୍କଟ ରୋଗ ହେବାର ସମ୍ଭାବନାକୁ ଏଡ଼ାଇଥାଏ । ଏହା ଏକ ପ୍ରତିରୋଧମୂଳକ ଟୀକା ହୋଇଥିବାରୁ ରୋଗ ହେବା ପୂର୍ବରୁ ହିଁ ସୁରକ୍ଷା ପ୍ରଦାନ କରେ । ଏହି ଟୀକା ୦.୫ ମିଲିଲିଟର ପରିମାଣରେ ବାମ ହାତର ଉପର ଭାଗର ମାଂସପେଶୀରେ ଦିଆଯାଇଥାଏ । ପୂର୍ବରୁ ଏହା ଦୁଇ କିମ୍ବା ତିନିଟି ଥର ନେବାକୁ ପଡୁଥିଲା, ହେଲେ ବର୍ତ୍ତମାନ ଏହି ଟୀକା ଉନ୍ନତ ମାନର ହୋଇଥିବା ଫଳରେ ମାତ୍ର ଗୋଟିଏ ଥର ହିଁ ପର୍ଯ୍ୟାପ୍ତ, ଯାହାକି ଏହାକୁ ଅଧିକ ସହଜ ଓ ସୁବିଧାଜନକ କରିଛି । ଯେଉଁ କିଶୋରୀମାନଙ୍କ ବୟସ ୧୪ ବର୍ଷରୁ ଉର୍ଦ୍ଧ୍ୱ, କିନ୍ତୁ ୧୫ ବର୍ଷ ପୂରଣ କରିନାହାଁନ୍ତି ସେମାନଙ୍କୁ ଏହି ଟୀକା ଦିଆଯିବ । ଏହି ବୟସରେ ଟୀକା ଦେବାର ମୂଳ ଉଦ୍ଦେଶ୍ୟ ହେଉଛି ଭାଇରସ୍ ସଂକ୍ରମଣ ହେବା ପୂର୍ବରୁ ଶରୀରକୁ ସୁରକ୍ଷିତ କରିବା । ତିନି ମାସିଆ ଲକ୍ଷ୍ୟ ଥିବା ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାରେ ୨୪,୩୨୯ ଜଣ କିଶୋରୀଙ୍କୁ ଟୀକାକରଣ କରାଯାଇଛି । ଟୀକାକରଣ ଆରମ୍ଭର ପ୍ରଥମ ମାସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟୀକା ଦିଆଯିବ । ପରବର୍ତ୍ତୀ ଦୁଇ ମାସରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାକୁ ବିସ୍ତାର କରାଯିବ । ଯାହାଦ୍ୱାରା ଦୂର ଅଂଚଳର ଲୋକମାନେ ସୁବିଧା ପାଇପାରିବେ । ପରେ ଏହାକୁ ନିୟମିତ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯିବ । ପ୍ରତିଦିନ (ଛୁଟି ଦିନ ବ୍ୟତୀତ) ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଟୀକାକରଣ କାର୍ଯ୍ୟକ୍ରମ ଚାଲିବ । ଟୀକା ନେବା ପୂର୍ବରୁ ପେଟ ପୂରା ଖାଦ୍ୟ ଖାଇବା ଆବଶ୍ୟକ । ଟୀକାକରଣ କେନ୍ଦ୍ରକୁ ବାପା ମାଆ କିମ୍ବା ଅଭିଭାବକଙ୍କ ସହିତ ଯିବା ଉଚିତ । ସଠିକ୍ ଯୋଗ୍ୟତା ନିଶ୍ଚିତ କରିବା ପାଇଁ ଟୀକା ନେବା ସମୟରେ ବୟସ ପ୍ରମାଣପତ୍ର ଯଥା– ଆଧାର କାର୍ଡ, ବିଦ୍ୟାଳୟ ପରିଚୟ ପତ୍ର କିମ୍ବା ଜନ୍ମ ପ୍ରମାଣପତ୍ର ଆଣିବା ଆବଶ୍ୟକ । ଯଦି ଉଚିତ ପରିଚୟ ପତ୍ର ନାହିଁ, ତାହେଲେ ଟୀକାକରଣ କେନ୍ଦ୍ରରେ ଥିବା ବୟସ ଘୋଷଣା ପତ୍ରରେ ଅଭିଭାବକଙ୍କ ସ୍ୱାକ୍ଷର କରିବାକୁ ହେବ । ପଞ୍ଜିକରଣ ପାଇଁ ଏକ ବୈଧ ମୋବାଇଲ ନମ୍ବର ଜରୁରି ହେବ ଏବଂ ଓଟିପି ମାଧମରେ ସମ୍ମତି ନିଆଯିବ । ଯଦି ଉକ୍ତ ସ୍ଥାନରେ ନେଟୱର୍କ ନଥାଏ, ତେବେ ଅଭିଭାବକଙ୍କୁ ଲିଖିତ ସ୍ୱୀକୃତି ଦେବାକୁ ପଡ଼ିବ । ଅଭିଯାନକୁ ଅଧିକ ସହଜ ଓ ସ୍ୱଚ୍ଛ କରିବା ପାଇଁ ହିତାଧିକାରୀ ନିଜେ ମଧ ସାର୍ବଜନୀନ ଟୀକାକରଣ ପ୍ଲାଟଫର୍ମ (ୟୁ-ୱିନ୍ ପୋର୍ଟାଲ୍) ମାଧମରେ ପଞ୍ଜିକରଣ କରିବାର ସୁବିଧା ରହିଛି । ଟୀକା ନେବା ପରେ ୩୦ ମିନିଟ୍ ପର୍ଯ୍ୟନ୍ତ କେନ୍ଦ୍ରର ପର୍ଯ୍ୟବେକ୍ଷଣରେ ରଖାଯିବ । ଏହା ପରେ ହାଲ୍କା ଯନ୍ତ୍ରଣା କିମ୍ବା ସାମାନ୍ୟ ଜ୍ୱର ହେବା ସ୍ୱାଭାବିକ, କିନ୍ତୁ ଏହା ଦୁଇ ତିନି ଦିନରେ ଭଲ ହୋଇଯାଏ । ଏହା ବ୍ୟତୀତ ଏହି ଟୀକାର କୌଣସି ଗୁରୁତର ପ୍ରତିକ୍ରିୟା ନାହିଁ । ଋତୁସ୍ରାବ ସମୟରେ ମଧ ଏହି ଟୀକା ନେବା ସମ୍ପୂର୍ଣ୍ଣ ସୁରକ୍ଷିତ । ତଥାପି ଯଦି ପୂର୍ବରୁ କୌଣସି ଟୀକା ନେବା ପରେ ଆଲର୍ଜି, ଗର୍ଭଧାରଣ କିମ୍ବା ଗୁରୁତର ଅସୁସ୍ଥ (ତୀବ୍ର ରକ୍ତହୀନତା, ନିମୋନିଆ, ଜ୍ୱର ଇତ୍ୟାଦି) ହୋଇଥାନ୍ତି, ସେମାନେ ଏହି ଟୀକା ନେବା ଉଚିତ ନୁହେଁ । ଯଦି ଏହି ଅଭିଯାନ ପୂର୍ବରୁ କେହି ମାନବ ପାପିଲୋମା ଭାଇରସ୍ ଟୀକା ନେଇଥାନ୍ତି, ତେବେ ତାଙ୍କୁ ପୁଣି ଟୀକା ନେବାର ଆବଶ୍ୟକତା ନାହିଁ । ଶୀତଳ ଶୃଙ୍ଖଳ (କୋଲ୍ଡ ଚେନ୍) ମାଧମରେ ଟୀକାଗୁଡ଼ିକର ପରିବହନ ଓ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ନାରୀ ସୁସ୍ଥ ହେଲେ ଯାଇ ସଶକ୍ତ ପରିବାରର ପରିକଳ୍ପନା କରାଯାଇପାରିବ । ଏହାକୁ ଅନୁଭବ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ୧୭ ସେପ୍ଟେମ୍ବର ୨୦୨୫ରେ ଆମ ସରକାରଙ୍କ ଦ୍ୱାରା 'ସୁସ୍ଥ ନାରୀ, ଶସକ୍ତ ପରିବାର' ଅଭିଯାନ ଆରମ୍ଭ କରାଯାଇଥିଲା । ଏଥିରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ମହିଳାମାନଙ୍କୁ ସ୍କ୍ରିନିଙ୍ଗ କରିବା ସହ ବ୍ୟାପକ ଜନସଚେତନତା କରାଯାଇଛି । ଏଥିରେ ଏକ କୋଟିରୁ ଅଧିକ (୧୦୭.୭୮ ଲକ୍ଷ) ମହିଳା ଅଂଶଗ୍ରହଣ କରିଥିଲେ । ୧.୦୨ ଲକ୍ଷ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇଥିବା ବେଳେ ୨୫.୩୮ ଲକ୍ଷ ମହିଳାଙ୍କୁ ହାଇପରଟେନସନ୍ ଏବଂ ଡାୟବେଟିସ୍, ୯.୬୪ ଲକ୍ଷ କର୍କଟ, ୧୨.୦୬ ଲକ୍ଷ ଆନିମିଆ, ୧.୭୩ ଲକ୍ଷ ସିକଲ୍ ସେଲ୍, ୭.୯୮ ଲକ୍ଷଙ୍କୁ ଯକ୍ଷ୍ମା ସ୍କ୍ରିନିଙ୍ଗ କରାଯାଇଥିଲା । ଏହି ଅଭିଯାନରେ ୨୯,୮୨୯ ୟୁନିଟ୍ ରକ୍ତ ସଂଗ୍ରହ ସହ ୧୨,୪୫୧ ନିକ୍ଷୟ ମିତ୍ର ପଞ୍ଜୀକୃତ କରାଯାଇଥିଲା । ସେହିପରି ୩୧୧ କୋଟି ଟଙ୍କାର ବ୍ୟୟବରାଦରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ' ଆରମ୍ଭ ହେବାକୁ ଯାଉଛି । ଏହା ମାଧମରେ ବ୍ୟାପକ ଗୋଷ୍ଠୀ ସଚେତନତା, ଗ୍ରାମାଂଚଳ ସ୍ତରରେ ସ୍କ୍ରିନିଙ୍ଗ, କର୍କଟ ପରୀକ୍ଷା ଶିବିର କରାଯିବା ସହ ଉନ୍ନତ ମାନର କର୍କଟ ଚିକିତ୍ସା ଯୋଗାଇ ଦିଆଯିବ । କର୍କଟ ଚିକିତ୍ସାଳୟ ମାଧମରେ ଏହାର ଆଗୁଆ ନିରୂପଣ, ସମୟୋଚିତ ଚିକିତ୍ସା, ବ୍ୟକ୍ତିଗତ ଯତ୍ନ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଏହି କ୍ଷେତ୍ରରେ ଗବେଷଣା ଏବଂ ନବସୃଜନର ଆବଶ୍ୟକତାକୁ ଅନୁଭବ କରି ଡିଜିଟାଲ ହବ୍ ଆଣ୍ଡ ସ୍ପୋକ୍ ମଡେଲ କାର୍ଯ୍ୟକାରୀ କରାଯିବ । ଚଳିତ କେନ୍ଦ୍ର ବଜେଟରେ ୧୭ଟି କର୍କଟ ଔଷଧରେ ଆମଦାନି ଶୁଳ୍କ ଛାଡ଼ କରିବା ସହ ପୂର୍ବରୁ ୧୨% ଓ ୫% ଜିଏସଟି ଥିବା କର୍କଟ ଔଷଧକୁ ଜିଏସଟି ଶୂନ୍ୟ ଓ ଅନ୍ୟ କେତେକ କର୍କଟ ଔଷଧକୁ ୧୨%ରୁ ହ୍ରାସକରି ୫% କରାଯିବା କର୍କଟ ରୋଗର ନିରାକରଣ ପ୍ରତି ଆମ ଦୃଢ଼ତାର ପରିଚୟ ଦିଏ । ନାରୀ ଶିକ୍ଷିତ ହେଲେ ପରିବାର ଶିକ୍ଷିତ ହୁଏ, ନାରୀ ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରୁହେ ଓ ନାରୀ ସମୃଦ୍ଧ ହେଲେ ଭାରତ ସମୃଦ୍ଧ ତଥା ବିକଶିତ ହୋଇପାରିବ । ଏହାକୁ ହୃଦୟଙ୍ଗମ କରି ସୁସ୍ଥ ମାତୃତ୍ୱରୁ ସୁରକ୍ଷିତ ଭବିଷ୍ୟତର ଦୂରଦୃଷ୍ଟିକୁ ଅନୁଭବ କରିବା ସହ ଆମ ସରକାର ମାନବ ପାପିଲୋମା ଭାଇରସ୍ ସଂକ୍ରମଣ ନିବାରଣ ନିମନ୍ତେ ଟୀକାକରଣ ଅଭିଯାନ ଆରମ୍ଭ କରିଛନ୍ତି । ଏହା କେବଳ ଏକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୁହେଁ, ବରଂ ନାରୀ ଓ ମାତୃତ୍ୱର ସୁରକ୍ଷା ପାଇଁ ଆମ ସଂକଳ୍ପ । ତେଣୁ କିଶୋରୀମାନେ ସାମିଲ ହେବା ସହ ବାପା-ମାଆ ଓ ଅଭିଭାବକମାନେ ଏଥିରେ ସହଯୋଗ କରିବା ପାଇଁ ମୋର ନିବେଦନ ।

ଗୋଲଗୋଟିଆସର କୁକୁର

ଉଚ୍ଚତର ବୈଜ୍ଞାନିକ ଗବେଷଣା ସକାଶେ ଏକ ବାତାବରଣ ବା 'ଇକୋ ସିଷ୍ଟମ' ସୃଷ୍ଟି କରିବା ଲାଗି ଯଦିଓ ଏଭଳି ଶିଖର ସମ୍ମିଳନୀର ଆବଶ୍ୟକତା ରହିଛି, ତା' ଠାରୁ ଅଧିକ ଆବଶ୍ୟକ ଏଠାରେ ଉପଲବ୍ଧ ଅଥଚ ଅନାବିଷ୍କୃତ ବୈଜ୍ଞାନିକ ପ୍ରତିଭାର ସ୍ଫୁରଣ ସକାଶେ ଅଧିକ ସରକାରୀ ବ୍ୟୟ, ପ୍ରୋତ୍ସାହନ ଓ ପ୍ରୟାସ । ଆମେରିକାର ସିଲିକନ ଭେଲିରେ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରିଥିବା ଭାରତୀୟ ମସ୍ତିଷ୍କ ସ୍ୱଦେଶରେ ଚମକ ଦେଖାଇ ପାରିବ ନାହିଁ କାହିଁକି ? ଦିଲ୍ଲୀରେ ଆୟୋଜିତ ଭବ୍ୟ 'ଏ.ଆଇ. ଇଂପାକ୍ଟ ସମ୍ମିଟ' ବା କୃତ୍ରିମ ବୁଦ୍ଧିମତାର ପ୍ରଭାବ ସଂପର୍କିତ ଶିଖର ସମ୍ମିଳନୀ ଆଜି ସମାପ୍ତ ହେବାକୁ ଯାଉଥିବା ବେଳେ, ଯାହା ଅନୁଶୋଚନାର ବିଷୟ ହୋଇଥାଏ, ତାହା ହେଲା ଅନେକ ଉତମ କାରଣ ଥିବା ସତ୍ତ୍ୱେ ଗୋଟିଏ ନିତାନ୍ତ ଲଜ୍ଜାଜନକ ଅଧ୍ୟାୟ ପାଇଁ ଏହା ସ୍ମରଣରେ ରହିବ । କୋଡ଼ିଏଟି ରାଷ୍ଟ୍ରର ଶାସନ ମୁଖ୍ୟ ଓ ୫୦୦ରୁ ଅଧିକ ସୁପ୍ରସିଦ୍ଧ ଏ.ଆଇ. ବିଶେଷଜ୍ଞଙ୍କ ଉପସ୍ଥିତି, ଷ୍ଟଲଗୁଡ଼ିକରେ ଏ.ଆଇ.ର ଅଦ୍ଭୁତ ପ୍ରୟୋଗର ପ୍ରଦର୍ଶନ ଏବଂ କୁତୂହଳୀ ଜନସାଧାରଣଙ୍କ ବିପୁଳ ଆଗ୍ରହକୁ ପଛରେ ପକାଇ ଏହି ସମ୍ମିଳନୀ ଆଲୋଚିତ ହେଉଛି ଏକ ଅକ୍ଷମଣୀୟ ଓ ରସଭଙ୍ଗକାରୀ ଘଟଣାକୁ ନେଇ, ଯାହା ହେଲା ଚୀନା ନିର୍ମିତ ଏକ 'ରୋବଟିକ ଡଗ'(ଯନ୍ତ୍ର କୁକୁର) ଏବଂ ଦକ୍ଷିଣ କୋରିଆ ଦ୍ୱାରା ବିକଶିତ 'ସକ୍କର ଡ୍ରୋନ' ବା 'ପେଷ୍ଟ ଡ୍ରୋନ'କୁ ପ୍ରଦର୍ଶନ କରି ସେଗୁଡ଼ିକ ନିଜ ଉତ୍କର୍ଷ କେନ୍ଦ୍ରରେ ନିର୍ମିତ ବୋଲି ଗୋଲଗୋଟିଆସ ବିଶ୍ୱବିଦ୍ୟାଳୟ(ଘରୋଇ) ଦ୍ୱାରା କରାଯାଇଥିବା ଦାବି । କହିବା ବାହୁଲ୍ୟ, ଖୁବ୍ ଶୀଘ୍ର ଏଭଳି ପ୍ରବଂଚନାର ପର୍ଦ୍ଦାଫାଶ ଘଟି ସାମାଜିକ ଗଣମାଧମରେ ନିନ୍ଦାର ବନ୍ୟା ସୃଷ୍ଟି ହେବା ସହିତ ସମଗ୍ର ଦେଶକୁ ଅପମାନ ଜର୍ଜର କରି ପକାଇଛି । ଗୋଲଗୋଟିଆସ ୟୁନିଭର୍ସିଟିର ଧୃଷ୍ଟତାକୁ ଘେନି ବର୍ତ୍ତମାନ ସମସ୍ତେ ସମାଲୋଚନା ମୁଖର । ତେବେ, ଏଭଳି ସ୍ଥଳେ ବିବେଚନାପୂର୍ଣ୍ଣ କାର୍ଯ୍ୟଟି ହେବ, ସମାଲୋଚନା କରିବାର ପ୍ରବଣତାକୁ ଅତିକ୍ରମ କରି ଏହି ଘଟଣାରୁ ଲବ୍ଧ ଶିକ୍ଷା ଉପରେ ମହନ୍ତ୍ୱ ପ୍ରଦାନ କରିବା । ଗୋଲଗୋଟିଆସର ଏଭଳି ଦାବି ପରେ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସେହି ଯନ୍ତ୍ର ଶ୍ୱାନର ଫଟୋକୁ ଆପଣା 'ଏକ୍ସ' ବାର୍ତ୍ତାରେ ଯୋଡ଼ି ତାହାକୁ ଏ.ଆଇ. କ୍ଷେତ୍ରରେ ଏକ ସ୍ୱଦେଶୀ ଉପଲବ୍ଧି ରୂପେ ଦର୍ଶାଇଥିଲେ । ଅବଶ୍ୟ, ବିବାଦର ସୂତ୍ରପାତ ହେବା ପରେ ତୁରନ୍ତ ତାହାକୁ ଡିଲିଟ କରି ଦିଆଯାଇଥିଲା, କିନ୍ତୁ ତହିଁରୁ ପ୍ରଥମ ଶିକ୍ଷାଟି ମିଳିଛି ଯେ ସାମାଜିକ ଗଣମାଧମରେ ହେଉ ଅଥବା ଅନ୍ୟ କୌଣସି ମଂଚରେ ହେଉ; ମନ୍ତ୍ରୀ ସ୍ତରୀୟ କୌଣସି ସନ୍ଦେଶର ସଂପ୍ରସାରଣ ପୂର୍ବରୁ ଦାୟିତ୍ୱପୂର୍ଣ୍ଣ ଓ ପୁଙ୍ଖାନୁପୁଙ୍ଖ ପୃଷ୍ଠଭୂମି ତନଖି ଏକାନ୍ତ ଜରୁରି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ରାଜ୍ୟ ଅଗ୍ନିଶମ ଡିଜିଙ୍କ ବୁର୍ଲା ଭିମସାର ପରିଦର୍ଶନ :

ସମ୍ବଲପୁର,୨୬/୩ (ନି/ପ୍ର) :ଓଡ଼ିଶା ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ମଙ୍ଗଳବାର ଦିନ ସମ୍ବଲପୁର ଗସ୍ତରେ ଆସି ବୁର୍ଲାସ୍ଥିତ ଭିମସାର ପରିଦର୍ଶନ କରିଛନ୍ତି। ଏଥି ସହ ଏଠାରେ ଅଗ୍ନି ନିରାପତାର ବ୍ୟବସ୍ଥାର ଅନୁଧ୍ୟାନ ପରେ ସମୀକ୍ଷା କରିଛନ୍ତି। ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ଅଗ୍ନି ନିରାପତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଅବସରରେ ଭିମସାରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଡିଜି ଡ. ଷଡ଼ଙ୍ଗୀ ଅଗ୍ନି ନିରାପତା କ୍ଷେତ୍ରରେ ଆବଶ୍ୟକ ବୈଷୟିକ ଜ୍ଞାନକୌଶଳ ସହ ସମସ୍ତ ନିରାପତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଏବଂ ସାଂଗଠନିକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେଥିମଧ୍ୟରେ ପ୍ରାକୃତିକ ବୁଦ୍ଧିମତା(ଏଆଇ) କ୍ୟାମେରାର ବ୍ୟବହାର, ବିଦ୍ୟୁତ୍ ସରଞ୍ଜାମର ସୁରକ୍ଷା, କର୍ମଚାରୀଙ୍କୁ ପ୍ରଶିକ୍ଷଣ ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ଅଗ୍ନିକାଣ୍ଡ ଅଗ୍ନିକାଣ୍ଡ ଜନିତ ଜରୁରୀକାଳୀନ ପରିସ୍ଥିତିର ଏହାର ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ନିଜ ବକ୍ତବ୍ୟରେ ସେ କହିଲେ ଭିମସାର ଏକ ବହୁ ପୁରୁଣା ଅନୁଷ୍ଠାନ। ଏଠାରେ ଥିବା ୨୦ଟି କୋଠା ମଧ୍ୟରୁ କିଛି କୋଠା ବହୁ ପୁରୁଣା ଶୈଳିରେ ନିର୍ମାଣ ହୋଇଛି। ତେଣୁ ଏହି ପୁରୁଣା କୋଠା ଗୁଡ଼ିକରେ ୨୦୧୭ ଅଗ୍ନି ନିରାପତା ନିୟମ ଅନୁସାରେ ଆବଶ୍ୟକୀୟ ସଂସ୍କାର ଆଣିବା ପାଇଁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସୁରକ୍ଷିତ ରୋଗୀ ସେବା ଯୋଗାଇବା ପାଇଁ ଅଗ୍ନିଶମ ବିଭାଗ ଓ ଭିମସାର କର୍ତ୍ତୃପକ୍ଷ ମିଳିତ ଭାବେ କାର୍ଯ୍ୟ କରିବାକୁ ଡିଜି ଡ. ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅଗ୍ନିଶମ ସେବା ଡିଜି ବିଭାଗୀୟ କୋଠା ଗୁଡିକ ବୁଲି ଦେଖିବା ସହ ସେଠାରେ ଥିବା ଅଗ୍ନି ନିରାପତା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଯେଉଁ ସବୁ ବିଲଡିଂରେ ତୁରନ୍ତ ସଂସ୍କାରର ଆବଶ୍ୟକ ରହିଛି, ସେଠାରେ କାର୍ଯ୍ୟ ଆରମ୍ଭ ହୋଇଛି ଏଥିସହ ଦୀର୍ଘକାଳୀନ ଭିତିରେ କିଛି ନୂତନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡଃ. ଷଡ଼ଙ୍ଗୀ ସୂଚନା ଦେଇଥିଲେ। ବ୍ୟୟବହୁଳ ସଂସ୍କାର ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ପାଣ୍ଠି ଅନୁମୋଦନ କରାଯାଇଛି, ଯାହାକି ପୂର୍ତ୍ତ ବିଭାଗ ମାଧ୍ୟମରେ ଏହି କାର୍ଯ୍ୟ ଗୁଡିକ କରାଯିବ। ସେହିପରି ଡିଜିଙ୍କ ନିର୍ଦ୍ଦେଶ କ୍ରମେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏଣିକି ଭିମସାରରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ବା ପ୍ରାକୃତିକ ବୁଦ୍ଧିମତା(ଏଆଇ) ବେସଡ୍ କ୍ୟାମେରାର ସହାୟତା ନିଆଯିବ। ଏହି ସ୍ୱତନ୍ତ୍ର କ୍ୟାମେରା ଗୁଡ଼ିକ ଅଗ୍ନିକାଣ୍ଡର ପୂର୍ବାଭାଷ ଚିହ୍ନଟ କରିବାରେ ସକ୍ଷମ ହେବ। ତେଣୁ ପୂର୍ବରୁ ଲାଗିଥିବା କ୍ୟାମେରା ସ୍ଥାନରେ ଅତ୍ୟାଧୁନିକ କ୍ୟାମେରା ଖଞ୍ଜାଯିବ। ଏହାସହିତ ୨୦୧୭ ଅଗ୍ନି ନିରାପତା ନିୟମ ଅନୁଯାୟୀ ପୁରୁଣା ବିଲଡିଂ ଗୁଡ଼ିକରେ ର୍ୟାମ୍ପ ନିର୍ମାଣ, ଅଗ୍ନି ନିର୍ବାପକ ଯନ୍ତ୍ର ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଅଗ୍ନିଶମ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ରୋଗୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ଏହି ସମୀକ୍ଷା ବୈଠକରେ ଉତରାଂଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୂ, ଭିମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲଲମୋହନ ନାୟକ, ଭିମସାର ଅଧକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ଭିମସାର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟଙ୍କ ସମେତ, ଅଗ୍ନିଶମ ବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ ଏବଂ ଜିଇଡି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଭିଆଇପି ଶ୍ରେଣୀର ଆତିଥେୟତା ଦେଇନପାରି ରେଞ୍ଜର ଛଟେଇ

ସମ୍ବଲପୁର,୨୬/୩(ନି/ପ୍ର) : ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନାଂଚଳ ଅନ୍ତର୍ଗତ ଜମନକିରା ରେଞ୍ଜରଙ୍କୁ ହଠାତ୍ ନିଲମ୍ବନ କରାଯିବାର ସଠିକ୍ କାରଣ ଜଣା ପଡିନଥିବାବେଳେ ଏବେ ମିଥ୍ୟା ଅଭିଯୋଗ କ୍ରମେ ତାଙ୍କୁ ନିଲମ୍ବିତ କରାଯାଇଥିବା ସେ ସଫେଇ ଦେଇଛନ୍ତି। ସୂଚନାଯୋଗ୍ୟ ଗତ ମାସ ୨୫ ତାରିଖରେ ଆୟୋଜିତ 'ଆମ ଜଙ୍ଗଲ ଯୋଜନା'ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏକ ଦୁଇଜଣିଆ ପରିଦର୍ଶକ ଟିମ୍ ଭୋପାଳରୁ ଆସିଥିଲେ। କାର୍ଯ୍ୟକ୍ରମ ଶେଷରେ ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକଙ୍କୁ ଏଠାରେ ରହିବା ଓ ଖାଇବା ପିଇବା ପାଇଁ ଭିଆଇପି ସୁବିଧା ଯୋଗାଇ ଦେବାକୁ ଦୁଇ ସଦସ୍ୟ କହିଥିଲେ। ମାତ୍ର ଏଠାରେ ବଡ଼ ସହର ଭଳି ସେପରି କୌଣସି ସୁବିଧା ନାହିଁ ବୋଲି ବିନମ୍ର ଭାବେ ରେଞ୍ଜର ଶ୍ରୀ ନାଏକ ସେମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ପରେ ଏହି ଟିମ୍ ଭୁବନେଶ୍ୱର ସ୍ଥିତ ପିସିସିଏଫ୍ କାର୍ଯ୍ୟାଳୟରେ ପହଂଚି ରୁଗ୍ଣ ଆତିଥେୟତା ଓ ଦୁର୍ବ୍ୟବହାର ସମ୍ପର୍କରେ ଶ୍ରୀ ନାଏକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ କି ପ୍ରକାରର ସୁବିଧା ସୁଯୋଗ ରହିଛି ତାହା ତଦନ୍ତ ନକରି ଅତି ତରବରିଆ ଭାବେ ରେଞ୍ଜର ଶ୍ରୀ ନାଏକଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ଏପରିକି ରେଞ୍ଜର ଶ୍ରୀ ନାଏକ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା କିଛି ଗଣମାଧ୍ୟମକୁ ଡିଏଫ୍‌ଓ କହିଥିଲେ ମଧ୍ୟ କାରଣ ପଚାରିବାରୁ ଏହାକୁ ଏଡ଼ାଇ ଯାଇଥିଲେ। ଏବେ ପ୍ରଶ୍ନ ଉଠୁଛି, ଆତିଥେୟତା ଓ ଚାଟୁକାରିତା ଭଳି ଛୋଟଛୋଟ ତ୍ରୁଟିକୁ ନେଇ ଯଦି ବିଭାଗ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ସିଧାସଳଖ ନିଲମ୍ବନ କରିପାରୁଛି ତେବେ ନିଜ ପଦପଦବୀର ପଦମର୍ଯ୍ୟାଦା ନରଖିବା ଓ କାର୍ଯ୍ୟ ଖିଲାପୀଙ୍କ ପାଇଁ ବିଭାଗ ଅଦ୍ୟାବଧି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜମନକିରା ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରାଇଛି।

ମାଲିମୁଣ୍ଡା କ୍ରିକେଟ ଷ୍ଟାଡିୟମର ହେବ ଉନ୍ନତିକରଣ :

ନିର୍ମାଣଧୀନ ସ୍ୱିମିଂ ପୁଲ୍ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୨୬/୩(ନି/ପ୍ର) : ଜିଲ୍ଲାରେ କ୍ରୀଡ଼ା ଭିତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମାଲିମୁଣ୍ଡା କ୍ରିକେଟ ଷ୍ଟାଡିୟମ ପରିସର ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଷ୍ଟାଡିୟମ ପରିସରରେ ନିର୍ମାଣକ୍ଷଧୀନ ଅତ୍ୟାଧୁନିକ ସ୍ୱିମିଂ ପୁଲର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ସମୟରେ ଜିଲ୍ଲାପାଳ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୩୦ ତାରିଖ ସୁଦ୍ଧା ସ୍ୱିମିଂ ପୁଲ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ବାହୀ ଯନ୍ତ୍ରୀଙ୍କୁ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ କ୍ରୀଡ଼ାବିତ୍ ଏବଂ ଜନସାଧାରଣ ଖୁବଶୀଘ୍ର ଏହି ସୁବିଧାର ଲାଭ ଉଠାଇପାରିବେ। ଉଲ୍ଲେଖଯୋଗ୍ୟ ଯେ, ମଲିମୁଣ୍ଡା କ୍ରିକେଟ ଷ୍ଟାଡିୟମକୁ ଏକ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ପ୍ରାଙ୍ଗଣ ଭାବେ ଗଢ଼ିତୋଳିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି । ଏହି ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମ ଜରିଆରେ ବିଶିଷ୍ଟ କ୍ରୀଡ଼ା ଭିତିଭୂମି ବିକାଶ ସଂସ୍ଥା 'ଏଲ୍.ଆର. ବ୍ରଦର୍ସ' କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ସଂସ୍ଥା ମୁମ୍ବାଇର ପ୍ରସିଦ୍ଧ ୱାଙ୍ଖେଡ଼େ ଷ୍ଟାଡିୟମର ପରିଚାଳନା ଦାୟିତ୍ୱରେ ମଧ୍ୟ ରହିଛି ।

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମେଗା ଜବ୍ ଡ୍ରାଇଭ୍ ଅନୁଷ୍ଠିତ

ଝାରସୁଗୁଡ଼ା,୨୬/୩(ନି/ପ୍ର) : ଜିଲ୍ଲାର ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଜି ଏକ 'ଜବ୍ ଡ୍ରାଇଭ୍' ବା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଡି ଏମ ଏଫ କନଫରେନ୍ସ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶିକ୍ଷିତ ଯୁବକଯୁବତୀ ଯୋଗ ଦେଇଥିଲେ। ଆଜିର ଏହି ନିଯୁକ୍ତି ମେଳାରେ ମୋଟ ୫ଟି ପ୍ରତିଷ୍ଠିତ କମ୍ପାନୀ ଅଂଶଗ୍ରହଣ କରି ପ୍ରାର୍ଥୀମାନଙ୍କର ଯୋଗ୍ୟତା ଭିତିରେ ସାକ୍ଷାତକାର ଗ୍ରହଣ କରିଥିଲେ। ତଥ୍ୟ ଅନୁଯାୟୀ, ଦିନତମାମ ଚାଲିଥିବା ଏହି ପ୍ରକ୍ରିୟାରେ

ଆସନ୍ତା ୨୦୨୭ରେ ଜନଗଣନା ନିମନ୍ତେ ସମ୍ବଲପୁର ସଦର ତହସିଲରେ ୩ଟି ପର୍ଯ୍ୟାୟରରେ ପ୍ରଶିକ୍ଷଣ ଅନୁଷ୍ଠିତ ହେବ

ହୀରାକୁଦ ଜଳଭଣ୍ଡାର କୂଳରେ ଥାଇ ଶୋଷିଲା

ଝାରସୁଗୁଡ଼ା,୨୬/୩(ନି/ପ୍ର): ସ୍ଥାନୀୟ ନିଯୁକ୍ତି ସହ ପାରିପାର୍ଶ୍ୱିକ ଉନ୍ନତିର ଦ୍ୱାହିଦେଇ ଛତୁ ଫୁଟିଲା ଭଳି ଶିଳ୍ପସଂସ୍ଥା ଝାରସୁଗୁଡ଼ା ଜିଲ୍ଲାରେ ଗଢ଼ିଉଠିଛି। ତଥାପି ସର୍ବନିମ୍ନ ମୌଳିକ ସୁବିଧାରୁ ଲୋକେ ବଂଚିତ ହୋଇଆସୁଛନ୍ତି। ହୀରାକୁଦ ଜଳଭଣ୍ଡାର କୂଳରେ ଥାଇ ଝାରସୁଗୁଡ଼ାବାସୀ ଶୋଷିଲା। ପ୍ରଚଣ୍ଡ ଖରାରେ ଲୋକେ ପିଇବା ପାଣି ମୁନ୍ଦିଏ ପାଣି ଉହଲବିକଳ ହେଉଛନ୍ତି। ଖଣି ପାର୍ଶ୍ୱବର୍ତୀ ଅଂଚଳର ଲୋକେ ଚୁଆ ଖୋଳି ପାଣି ସଂଗ୍ରହ କରିବାର ବିକଳ ଦୃଶ୍ୟ ବି ସାମନାକୁ ଆସୁଛି। ଅନ୍ୟପଟେ, ୨୦୧୯ ମସିହାରେ ଜିଲ୍ଲାରେ ଆରମ୍ଭ ହୋଇଥିବା ୩ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୨ଟି ଏବେ ବି ଅଧୁରା ହୋଇରହିଛି। ନିର୍ଦ୍ଧାରିତ ସମୟରୁ ପ୍ରାୟ ୪ ବର୍ଷ ଅତିକ୍ରାନ୍ତ ହେବା ପରେ ବି କାମ ସଂପୂର୍ଣ୍ଣ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ, ଜିଲ୍ଲାର ପାନୀୟଜଳ ଯୋଗାଣ ସ୍ଥିତି ନେଇ ସରକାରୀ ତଥ୍ୟ ଗୋଟିଏ କଥା କହୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ସଂପୂର୍ଣ୍ଣ ଭିନ୍ନ। ଜଳ ଜୀବନ ମିସନ୍ ଅଭିଯାନରେ ୨୦୧୮-୧୯ରେ ଝାରସୁଗୁଡ଼ା ଜିଲ୍ଲାରେ ୩ଟି ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା। ଏଥିପାଇଁ ୫୧୧.୦୯ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ସେଥିରେ ଲଖନପୁର ବ୍ଲକ୍‌ର ଉଣେଇଶଖଣ୍ଡ ମୌଜାରୁ ଆରମ୍ଭ କରି ଭଅଁରଖୋଲ ପଚାଂୟତ ପର୍ଯ୍ୟନ୍ତ ୧୬ଟି ପଚାଂୟତ ପାଇଁ ୧୦୯.୪୫ କୋଟିରେ ଗୋଟିଏ ପ୍ରକଳ୍ପ, ଲଖନପୁର ବ୍ଲକ୍‌ର ଜୋନ୍-୩ ସମେତ ଅବଶିଷ୍ଟ ୧୭ଟି ପଚାଂୟତ ପାଇଁ ୧୧୦.୦୭ କୋଟିରେ ଦ୍ୱିତୀୟ ପ୍ରକଳ୍ପ ଏବଂ ଝାରସୁଗୁଡ଼ା ବ୍ଲକ୍ ସମେତ କୋଲାବିରା, କିର୍ମିରା ଓ ଲଇକେରା ବ୍ଲକ୍‌ର ୪୨ଟି ପଚାଂୟତ ପାଇଁ ୨୯୧.୫୭ କୋଟି ଟଙ୍କାର ତୃତୀୟ ପ୍ରକଳ୍ପ ସାମିଲ ଥିଲା। ନିର୍ମାଣକାରୀ ସଂସ୍ଥା ସହିତ ଚୁକ୍ତି ସମୟରେ ୨ବର୍ଷ ମଧ୍ୟରେ ଏହା ସଂପୂର୍ଣ୍ଣ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ, ଏଥିରୁ କେବଳ ଲଖନପୁରର ଜୋନ୍-୧ ଓ ୨ ଅଚଂଳ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ ବ୍ୟତୀତ ଅନ୍ୟ ଦୁଇ ପ୍ରକଳ୍ପ ଆଜି ସୁଦ୍ଧା ସରିପାରି ନାହିଁ। ତେବେ ଏହି ଦୁଇ ଅଧୁରା ପ୍ରକଳ୍ପ ଆସନ୍ତା ମେ' ମାସ ଶେଷସୁଦ୍ଧା ସରିବ ବୋଲି ସରକାର ବିଧାନସଭାରେ ଘୋଷଣା କରିଛନ୍ତି। ଅନ୍ୟପଟେ, କେନ୍ଦ୍ରୀୟ ଡ୍ୟାସ୍‌ବୋର୍ଡର ତଥ୍ୟ ଅନୁସାରେ, ଜିଲ୍ଲାରେ ୯୪୦୩୨ଟି ପରିବାର ମଧ୍ୟରୁ ଆଜି ସୁଦ୍ଧା ୮୭୫୧୭ ପରିବାରକୁ ପାଇପ ଯୋଗେ ପାଣି ଯୋଗାଣ ହେଉଛି। ଏହା ମୋଟ ପରିବାରର ୮୭.୭୫

ପ୍ରତିଶତ। ହେଲେ ଜିଲ୍ଲାର ଲଖନପୁର ଭଳି ଖଣି ଅଚଂଳରେ ଲୋକେ ଏବେ ବି ନଳକୂଅ ଭରସାରେ ଜୀବନ ବିତାଉଛନ୍ତି। ଏପରିକି ଖଣି ପାର୍ଶ୍ୱବର୍ତ୍ତୀ ଅନେକ ଅଚଂଳରେ ଆଦୌ ସୁବିଧା ନ ଥିବାରୁ ଲୋକେ ଚୁଆ ପାଣି ଉପରେ ଭରସା କରୁଥିବା ଭଳି ବିକଳ ଚିତ୍ର ବି ସାମନାକୁ ଆସୁଛି। ଜଳ ଜୀବନ ମିସନ୍ ଅଭିଯାନରେ ୨୦୧୮-୧୯ରେ ଝାରସୁଗୁଡ଼ା ଜିଲ୍ଲାରେ ୩ଟି ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଥିଲା। ଏଥିପାଇଁ ୫୧୧.୦୯ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଥିଲା। ଏଭଳି ସ୍ଥିତିରେ ଶିଳ୍ପ ଓ ଖଣି ପ୍ରତିଷ୍ଠା ପାଇଁ ବହୁମୂଲ୍ୟ ଦେଇଥିବା ଜିଲ୍ଲାବାସୀଙ୍କୁ ପିଇବା ପାଣି ଟିକିଏର ଅଧିକାର ନାହିଁ କି ବୋଲି ସବୁ ମହଲରେ ପ୍ରଶ୍ନ ଉଙ୍କିମାରୁଛି।

ବ୍ରାଉନସୁଗାର ବଦଳରେ ଜବତ ହେଲା ମଦ ସହ ଟଙ୍କା ଭର୍ତି ବ୍ୟାଗ

ଉଦଳା,୨୬/୩(ନି/ପ୍ର): ବ୍ରାଉନସୁଗାର ବିକ୍ରି କରୁଥିବାର ଅଭିଯୋଗ ଆସିବା ପରେ ପୁଲିସ କଲା ଚଢଉ । ହେଲେ ଭିତରେ ଯାଇ ଯାହା ଦେଖିଲା ସେଥିରେ ପୁଲିସ୍ ତାଜୁବ୍ ହୋଇଯାଇଥିଲା । ମିଳିଥିବା ସୂଚନା ଅନୁଯାୟୀ ଉଦଳା ଥାନା ଅନ୍ତର୍ଗତ ତେଲଦିହୁଡି ଗ୍ରାମର ଦେବେନ୍ଦ୍ର ବେହେରା (୨୮) ଙ୍କ ଘରେ ଗତକାଲି ରାତିରେ ଉଦଳା ପୁଲିସ ଚଢଉ କରିଥିଲା । ଅଭିଯୋଗ ହୋଇଥିଲା ଦେବେନ୍ଦ୍ରଙ୍କ ପାଖରେ ସବୁ ପ୍ରକାର ନିଶାଦ୍ରବ୍ୟ ମିଳୁଥିବାବେଳେ ଦିନରାତି ଏଠାରେ କମ୍ ବୟସର ଯୁବକମାନଙ୍କ ଆଡ୍ଡା ଜମୁଛି । ସେଠାରେ ମଦ, ଗଞ୍ଜେଇ ମିଳୁଥିବାର ସୂଚନା ଥିଲେ ସୁଦ୍ଧା ବ୍ରାଉନସୁଗାର ଜବତ କରିବାକୁ ପୁଲିସର ମୁଖ୍ୟ ଟାର୍ଗେଟ ଥିଲା । ଏନେଇ ପୁଲିସ ଯୋଜନା ପ୍ରସ୍ତୁତ କରିବା ସହିତ ଗତକାଲି ରାତି ପ୍ରାୟ ୮.୩୦ଟା ବେଳେ ଚଢଉ କରିଥିଲା । ଚଢଉ ସମୟରେ ପ୍ରଥମେ ପୁଲିସ୍କୁ ମିଳିଥିଲା ତିନି ପେଟି ବିଦେଶୀ ମଦ । ଏହା ପରେ ପୁଲିସ୍ ଖୋଜାଖୋଜି ଆରମ୍ଭ କରିଥିଲା । ଘର ଭିତରୁ ବ୍ରାଉନସୁଗାର ପାଇନଥିଲେ ସୁଦ୍ଧା ପୁଲିସ ହାତରେ ଲାଗିଲା ଦୁଇଟି ଟଙ୍କା ଭର୍ତ୍ତି ବ୍ୟାଗ । ସେଥିରେ ୧୦, ୨୦, ୫୦ ଟଙ୍କିଆ ପରି ଛୋଟ ପରିମାଣର ନୋଟ୍ ଭର୍ତ୍ତି ଥିବାବେଳେ ଏହାକୁ ଗଣିବା ପାଇଁ ୧୦ ଜଣ ପୁଲିସ କର୍ମଚାରୀଙ୍କୁ ଦେଢ ଘଟାଂ ସମୟ ଲାଗିଥିଲା । ଏହା ପରେ ପୁଲିସ ଦେବେନ୍ଦ୍ରଙ୍କୁ ଗିରଫ କରି ଥାନାକୁ ଆଣିଥିଲା । ଦେବେନ୍ଦ୍ରଙ୍କ ନିକଟରୁ ୨୫ ଲିଟର ବିଦେଶୀ ମଦ ମିଳିଥିବାବେଳେ ୬, ୬୩, ୩୧୫ ଟଙ୍କା ଜବତ କରାଯାଇଥିଲା ।

କୋଲ୍ ଇଣ୍ଡିଆ ଇଂଟର-କମ୍ପାନୀ ଲନ୍ ଟେନିସ: ଏମ୍‌ସିଏଲ୍ ବିଜୟୀ

ସମ୍ବଲପୁର,୨୬/୩(ନି/ପ୍ର): ସମ୍ବଲପୁର ସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟ ଠାରେ କୋଲ ଇଣ୍ଡିଆ ଇଂଟର-କମ୍ପାନୀ ଲନ୍ ଟେନିସ ଟୁର୍ଣ୍ଣାମେଂଟ୨୦୨୫-୨୬ ଗତକାଲି ଉଦଯାପିତ ହୋଇଛି। ଆୟୋଜକ ଏମସିଏଲ ଟିମ ଚାମ୍ପିୟାନ ଟ୍ରଫି ହାସଲ କରିଥିବା ବେଳେ ନର୍ଦର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍ (ଏନ୍.ସି.ଏଲ୍) ଦଳ ଉପ ବିଜେତା ଟ୍ରଫି ଗ୍ରହଣ କରିଛି। ଏମସିଏଲର ନିର୍ଦ୍ଦେଶକ(ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ(ଅର୍ଥ) ଏକେ ବେହୁରା ଏବଂ ନିର୍ଦ୍ଦେଶକ(ବୈଷୟିକ)ଏସକେ ଝାଙ୍କ ସମେତ କୋଲ୍ ଇଣ୍ଡିଆ ୱେଲଫେୟାର ବୋର୍ଡ, କର୍ପୋରେଟ୍ ଜେ.ସି.ସି.,ଏମସିଏଲ କର୍ପୋରେଟ୍ ୱେଲଫେୟାର ବୋର୍ଡ ଏବଂ କର୍ପୋରେଟ୍ ସେଫ୍ଟି ବୋର୍ଡର ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ତିନିଦିନିଆ ଟୁର୍ଣ୍ଣାମେଂଟରେ ସିଙ୍ଗାରେନି କୋଲିୟାରୀଜ୍ କମ୍ପାନୀ ଲିମିଟେଡ୍, ନର୍ଦନ କୋଲଫିଲ୍ଡସ୍ ଲିମିଟେଡ୍ ଏନସିଏଲ, ସିସିଏଲ, ଏସଇସିଏଲ, ସିଏମ୍‌ପିଡ଼ିଆଇ, ଡବ୍ଲୁସିଏଲ୍, ବିବିସିଏଲ୍ ଏବଂ ଆୟୋଜକ ଏମ୍.ସି.ଏଲ୍ ସହ ୮ଟି ଦଳ ମଧ୍ୟରେ ରୋମାଂଚକର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ସୁସ୍ଥ ପ୍ରତିଯୋଗିତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ଏମ୍.ସି.ଏଲର ପ୍ରତିବଦ୍ଧତାକୁ ଦୋହରାଇ ଏହି କାର୍ଯ୍ୟକ୍ରମ ଏକ ଉତ୍ସାହଜନକ ପରିବେଶ ରେ ପୁରସ୍କାର ବିତରଣ ସମାରୋହରେ ସମ୍ପନ୍ନ ହୋଇଥିଲା।

ତିହିଡିରେ ଜିଲାସ୍ତରୀୟ ଖାଉଟି ସଚେତନତା ଶିବିର

ଉପଭୋକ୍ତା ନିଜର ଖାଉଟି ଅଧିକାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ

ଭଦ୍ରକ,୨୬/୩(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସଭାଗୃହରେ ବୁଧବାର ଜିଲ୍ଲା ସ୍ତରୀୟ ଖାଉଟି ସଚେତନତା ଶିବିର ଜିଲ୍ଲା ପ୍ରଶାସନ ଓ ଇଚ୍ଛାପୁରର ସ୍ୱେଚ୍ଛାସେବୀ ସଂଗଠନ 'ପେଡ'ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ଜିଲ୍ଲା ଓଜନ ଓ ମାପ ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଯୋଗଦେଇ ବ୍ୟବସାୟୀମାନେ ଆକର୍ଷଣୀୟ ବିଜ୍ଞାପନ ମାଧ୍ୟମରେ ଉପଭୋକ୍ତା ମାନଙ୍କୁ ଠକୁଛନ୍ତି। ସେଥିରେ ପ୍ରଲୋଭିତ ନ ହୋଇ ଉପଭୋକ୍ତା ନିଜର କ୍ରୟ ଦ୍ରବ୍ୟର ଗୁଣବତାକୁ ଗୁରୁତ୍ୱଦେବା ଆବଶ୍ୟକ। କୌଣସି ଉପଭୋକ୍ତା ଠକାମୀର ଶିକାର ହେଲେ ଠକେଇଥିବା ବ୍ୟକ୍ତିଙ୍କୁ ୧୦ଲକ୍ଷ ଟଙ୍କା ଜୋରିମାନା ଓ ୨ବର୍ଷ ଜେଲ ଦଣ୍ଡ ହେବାର ଆଇନ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଡ଼ିଓ ନିରଞ୍ଜନ ବାରିକ ଯୋଗଦେଇ ଖାଉଟି ମାନେ ଜିନିଷ କିଣିବାବେଳେ ସମସ୍ତ ଦିଗପ୍ରତି ଯତ୍ନବାନ ହେବାଆବଶ୍ୟକ ବୋଲି କହିଥିଲେ।ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ ଦାସ, ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଖାଉଟି ଅଦାଲତ ସଭାପତି ଶିବପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଖାଦ୍ୟ ସୁରକ୍ଷା ଉପରେ ନିଜର ଅଧିକାର ପ୍ରତି ଯତ୍ନବାନ ହେବାନେଇ ସୂଚନା ଦେଇଥିବାବେଳେ ଆଇନର ଦିଗ ଉପରେ ସଚେତନ କରାଇଥିଲେ । ଶିବିରରେ ସ୍ୱେଚ୍ଛାସେବୀ ସଂଗଠନ 'ପେଡ଼'ର ସମ୍ପାଦକ ଦିବାକର ମଲ୍ଲିକ ଯୋଗଦେଇ ଖାଉଟିମାନେ ନିଜର ସାମଗ୍ରୀ କିଣିବାବେଳେ ସଠିକ ଓଜନ ପ୍ରତି ଦୃଷ୍ଟିଦେବା ସହିତ ସାମଗ୍ରୀର ମାନକୁ ଯାଂଚକରି କ୍ରୟକରିବା ଉଚିତ । ଖାଉଟି ଅସୁବିଧାରେ ସମ୍ମୁଖୀନ ହୋଇ ସ୍ୱେଚ୍ଛାସେବୀ ସଂଗଠ ନିକଟରେ ପହଁଚିଲେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ଓଜନ କଂଟା ମାଧ୍ୟମରେ ଖାଉଟିମାନଙ୍କୁ ଓଜନର ନମୁନା ପ୍ରଦର୍ଶନ କରାଯାଇଥିଲା । ଏହି ଉପଲକ୍ଷେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ସଚେତନ ଖାଉଟି, ସୁରକ୍ଷିତ ଖାଉଟି' ବିଷୟକୁ ନେଇ ଅନୁଷ୍ଠିତ ହୋଇଥିବା ବକ୍ତୃତା ଓ ରଚନା ପ୍ରତିଯୋଗିତା ମଧ୍ୟରୁ ବକ୍ତୃତାରେ ଭଦ୍ରକ ସାଳନ୍ଦୀ ନର୍ସିଂ ସ୍କୁଲର ୧ମ ହୋଇଥିବା ଦୀପିକା ପାତ୍ରୀ, ଉତରବାହିନୀ କେ .ସି ହାଇସ୍କୁଲର ୨ୟ ଶୁଭମ କୁମାର ମହାରଣା, ସାଳନ୍ଦୀ ନର୍ସିଂ ସ୍କୁଲର ୩ୟ ପ୍ରତିଭା ଧଳ ଏବଂ ଗୀତାଞ୍ଜଳି ନର୍ସିଂ ସ୍କୁଲର ରଚନାରେ ୧ମ ପରମିନ କାଦ୍ରୀ, ସାଳନ୍ଦୀ ନର୍ସିଂ ସ୍କୁଲର ୨ୟ ରଶ୍ମିରେଖା ସାହୁ ଓ ଦହପାଣିଆ ସରକାରୀ ଏସଏସସି ହାଇସ୍କୁଲର ୩ୟ ହୋଇଥିବା ଗୁନାରାମ ହେମ୍ବ୍ରମଙ୍କୁ ପୁରସ୍କୃତ କରାଯାଇଥିଲା । ପେଡ଼ର ଉପାଧ୍ୟକ୍ଷ ଜଗତଜ୍ୟୋତି ପାତ୍ରୀ ଧନ୍ୟବାଦ ଦେଇଥିଲେ । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରୀ ପ୍ରୀତିଶ ସାମଲ, ଚାନ୍ଦବାଲି ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ବନ୍ତ ଯୋଗାଣ ଅଧିକାରୀ ଶୁଭଶ୍ରୀ ଶୁକ୍ଳା, ବାସୁଦେବପୁର ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି, ଧାମନଗର ଯୋଗାଣ ଅଧିକାରୀ ରସାନନ୍ଦ ସାହୁଙ୍କ ସମେତ ଆଲୋକଜ୍ୟୋତି ମହିଳା ମହାସଂଘ ସଭାନେତ୍ରୀ ବାସନ୍ତୀଲତା ରାଉତ, ସମ୍ପାଦିକା କଲ୍ୟାଣୀ ଦାସ, ପ୍ରଧାନଶିକ୍ଷକ ଡ. କାଳୀପଦ ଦାସ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ଦାସ ପ୍ରମୁଖଙ୍କ ସମେତ ବହୁଉପଭୋକ୍ତା ଅଂଶ ଗ୍ରହଣ କରିଥିଲେ । ପେଡ଼ର କୋଷାଧ୍ୟକ୍ଷ ହରିହର ବାରିକ, ହରପ୍ରିୟା ଘଡ଼ାଇ ଓ ଅନ୍ୟକର୍ମକର୍ତା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ଏସଇଏସବିଏଫ୍ ପ୍ରସଙ୍ଗରେ ଏନଜେସିଏସ ଚୁକ୍ତିନାମା ଦାବିରେ ସିଆଇଟିୟୁର ବିକ୍ଷୋଭ

ରାଉରକେଲା,୨୬/୩(ନି/ପ୍ର): ବିର୍ସା ଛକ ଠାରେ ଆଜି ସିଆଇଟିୟୁର ସାଧାରଣ ସମ୍ପାଦକ ବସନ୍ତ ନାୟକ ଏବଂ ଆରସିଡବ୍ଲୁୟୁର ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ତୁରନ୍ତ ଏନଜେସିଏସ୍ ଚୁକ୍ତିନାମା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ୧ଲକ୍ଷ ୧୦ ହଜାର କୋଟି ଟଙ୍କାର ଆର୍ଥିକ କାରବାର ସତ୍ତ୍ୱେ ଦୀର୍ଘ ୧୦ ବର୍ଷପରେ ମଧ୍ୟ ଏନଜେସିଏସ୍ ଚୁକ୍ତିନାମା ହୋଇପାରି ନାହିଁ ଏବଂ ୩୯ ମାସର ବକେୟା ପ୍ରଦାନ କରାଯାଇନାହିଁ। ଆଜିର ଏହି ବିକ୍ଷୋଭରେ ଶ୍ରୀମନ୍ତ ବେହେରା, ରତ୍ନାକର ନାୟକ, ବି.ପି ମହାପାତ୍ର, ଯଜ୍ଞେଶ୍ୱର ସାହୁ, ରାଜକିଶୋର ପ୍ରଧାନ, ଜୀବନ ବାରିହା, ଲକ୍ଷ୍ମୀଧର ନାୟକ, ଏନ.ଏନ. ପାଣିଗ୍ରାହୀ, ଅଜୟ ଶର୍ମା ଓ ଦିବାକର ମହାରଣା ପ୍ରମୁଖ ଏହି ବିକ୍ଷୋଭରେ ପ୍ରକାଶ କରିଥିଲେ ଯେ, ଏନଜେସିଏସ ବୈଠକରେ ଏସଇଏସବିଏଫ ପ୍ରସଙ୍ଗରେ ସହମତରେ ନିଷ୍ପତି ନିଆଯିବା ସହ ସେଲ କର୍ମଚାରୀଙ୍କ ୩୯ ମାସର ବକେୟା (ଏରିୟର) ପ୍ରଦାନ କରିବା ସହିତ ଏନଜେସିଏସ ଚୁକ୍ତିନାମା ତୁରନ୍ତ କରାଯାଉ, ସେଲ୍‌ର ଘରୋଇକରଣ ବନ୍ଦ କରାଯିବାକୁ ଦାବି କରାଯାଇଛି। ଏଥିସହିତ ଆଏସପିର ଶିକ୍ଷା, ସହରସେବା ଓ ଆଇଟିଏଚ୍‌ର ଘରୋଇକରଣ ଚକ୍ରାନ୍ତକୁ ବନ୍ଦ କରାଯାଉ, ଠିକା ଶ୍ରମିକଙ୍କୁ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ସହ ଚାକିରୀର ସୁରକ୍ଷା ସୁନିଶ୍ଚିତ କରାଯାଉ, ୨୦ ପ୍ରତିଶତ ଠିକା ଶ୍ରମିକ ଛଟେଇ ବନ୍ଦ କରିବା ସହିତ ଅନ୍ୟାନ୍ୟ ଦାବି କରିଥିଲେ । ସିଆଇଟିୟୁର ବିରୋଧ ସତ୍ତ୍ୱେ ସଂଖ୍ୟାଧିକ ଆଧାରରେ ଗତ ଫେବୃଆରୀ ୨ ତାରିଖରେ ଏସଇଏସବିଏଫ୍ ବୈଠକରେ ସମସ୍ତ ୟୁନିୟନ ଓ କର୍ତୃପକ୍ଷ ଏସଇଏସବିଏଫ୍ ଫଣ୍ଡକୁ ଭଙ୍ଗକରି ସମସ୍ତ ଅର୍ଥକୁ ଏନପିଏସରେ ଜମା ପାଇଁ ନିଷ୍ପତି ନିଆଯାଇଛି। ଦୀର୍ଘଦିନର ଆନ୍ଦୋଳନ ଓ ଦାବୀ କରି ୧୯୯୪ ମସିହାରେ ସେଲ୍, ଅଫିସର ସଂଘ ତଥା ଏନଜେସିଏସ୍‌ରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନଙ୍କ ଦ୍ୱାରା ଟ୍ରଷ୍ଟି ସହ ଏସଇଏବିଏଫ୍ କରାଯାଇଥିଲା । ଶ୍ରମିକମାନେ ବେସିକ୍ ଓ ଡିଏର ୨ ପ୍ରତିଶତ ତଥା ସେଲ୍ ପିଏଲ୍‌ବିଏସ୍ ନାମରେ ୨ ପ୍ରତିଶତ ପ୍ରଦାନ କରାଯାଇଥିଲା । ଏହାପରେ ଇପିଏସ୍ ୯୫ ପରେ ସେଲ୍ ୨ ପ୍ରତିଶତ ଅନୁଦାନ ବନ୍ଦ କରିଦେଇଥିଲା। ଏହା ସତ୍ତ୍ୱେ ବର୍ତ୍ତମାନ ଏସଇଏସବିଏଫ୍ ଫଣ୍ଡରେ ପ୍ରାୟ ଶ୍ରମିକଙ୍କ ହାରାହାରି ୧୦ଲକ୍ଷ ଟଙ୍କା ଅଛି । ଏଥିରେ ବାର୍ଷିକ ୮.୨୧ ପ୍ରତିଶତ ସୁଧ ମିଳିଥାଏ। ଅବସର ପରେ ଶ୍ରମିକମାନେ ତୃତୀୟ ଅବସରକାଳୀନ ଭତ୍ତା ହିସାବରେ ବିନା ଇନକମ୍ ଟ୍ୟାକ୍ସରେ ଏହା ପାଇପାରୁଛନ୍ତି । ଟ୍ରଷ୍ଟର ୧୮ ଧାରାର ଉପଧାରା (ବି) ଅନୁଯାୟୀ ସହମତି ବିନା ଟ୍ରଷ୍ଟ ଭଙ୍ଗ କରାଯାଇ ପାରିବନାହିଁ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସେଲ୍ କର୍ତୃପକ୍ଷ ସଖି କଣ୍ଢେଇ ହୋଇ ଏହାକୁ ଜବରଦସ୍ତ ଶ୍ରମିକମାନଙ୍କ ଝାଳ ବୁହା ଧନକୁ ଏନପିଏସରେ ପ୍ରଦାନ କରିବେ । ଏହାଛଡା ସମସ୍ତ ପ୍ରକାର ଦ୍ୱିପାକ୍ଷିକ ଚୁକ୍ତିନାମା ଓ ଆଇନଗତ ବ୍ୟବସ୍ଥାକୁ ଉଲଙ୍ଘନ କରି କର୍ତୃପକ୍ଷଙ୍କ ହାତ ବାଲିସୀ ହୋଇ ଶ୍ରମିକ ସଂଗଠନମାନେ କାର୍ଯ୍ୟ କରୁଛନ୍ତି । ଏହାପରେ ଆଇଜିଏଚ୍ ଓ ଟାଉନସିପକୁ ଘରୋଇକରଣ କରାଯିବାର ମସୁଧା ରହିଛି। ପରବର୍ତୀ ଅବସ୍ଥାରେ ବିନା ବାଧାରେ ଖଣି ଓ ଇସ୍ପାତ କାରଖାନାକୁ କର୍ପୋରେଟ ମାଲିକଙ୍କ ହାତରେ ପ୍ରଦାନ କରି ସେଲର ଅସ୍ତିତ୍ୱକୁ ଶେଷ କରିଦିଆଯିବ ବୋଲି ଏହି ବିକ୍ଷୋଭରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆଜିର ବିକ୍ଷୋଭରେ ପ୍ରଦୋଶ ପରିଡା, ପ୍ରଭାତ୍ ମହାନ୍ତି, ପର୍ଶୁରାମ ଜେନା, ବିଶ୍ୱଜିତ୍ ମାଝୀ, ପିକେ ଶଡଙ୍ଗୀ, ଜେକେ ସାହୁ, ଅଶୋକ ଦାସ, ଚନ୍ଦ୍ରଭାନୁ ଦାସ, କୁଳମଣୀ ରାଉତ, କବି ପ୍ରଧାନ, ଅରୁଣ ମହାରଣା, ଜନ୍ମଜୟ ଘୋଷ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପରିପ୍ରେକ୍ଷୀରେ ନିର୍ମଳ ମୁଣ୍ଡା ମଣ୍ଡଳରେ ପ୍ରଶିକ୍ଷଣ ଶିବିର

ରାଉରକେଲା,୨୬/୩(ନି/ପ୍ର): ରାଜ୍ୟର ନିର୍ଦ୍ଦେଶ ଅନୁଯାୟୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାର ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିର୍ମଳ ମୁଣ୍ଡା ମଣ୍ଡଳର ପ୍ରଶିକ୍ଷଣ ଶିବିର ମଣ୍ଡଳ ସଭାନେତ୍ରୀ ରଞ୍ଜିତା କିସପୋଟ୍ଟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସେକ୍ଟର-୧୯ କମ୍ୟୁନିଟି ସେଂଟର ଠାରେ ଚଳିତମାସ ୨୫ ଓ ୨୬ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ପ୍ରଶିକ୍ଷଣରେ ବିଭିନ୍ନ ବିଷୟ ଯଥା ବୈଚାରିକ ପୃଷ୍ଠଭୂମୀ, ବିଜେପିର ଇତିହାସ ଓ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଆମର ଦୃଷ୍ଟକୋଣ, ସୋସିଆଲ ମିଡିଆ, ବୁଥ ପରିଚାଳନା ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ଟୋଲୀର ସଂଯୋଜକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା , ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲ୍ଲା ଉପସଭାପତି ସତ୍ୟପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ପ୍ରଣତାପ୍ ଦାସ ଓ ଯୁବ ନେତା ଅଙ୍କୁଶ ବର୍ମା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମଣ୍ଡଳ କାର୍ଯ୍ୟକର୍ତ୍ତା ସଂଗ୍ରାମ ପ୍ରଧାନ, ନିରଞ୍ଜନ ପଟେଲ, ମଂଜତ ସିଂ, ସୂର୍ଯ୍ୟକାନ୍ତ ପ୍ରଧାନ, ଜ୍ଞାନରଞ୍ଜନ ସାହୁ, ମଞ୍ଜିତା ଟପୋ, ସନ୍ତୋଷ ତନ୍ତୀ, ଶିଳା ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ମଣ୍ଡଳ ଟୋଲି ଓ ଆପେକ୍ଷିତ ନେତୃବୃନ୍ଦ ଏବଂ ବହୁ କର୍ମୀ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ବିଭିନ୍ନ ଆଖଡା କମିଟି ପକ୍ଷରୁ ଶ୍ରୀ ହନୁମାନଙ୍କ ପୂଜା

ରାଉରକେଲା,୨୬/୩(ନି/ପ୍ର): ରାମନବମୀ ଉତ୍ସବ ପାଳନ ଅବସରରେ ଆଜି ସହରର ବିଭିନ୍ନ ଆଖଡ଼ା କମିଟି ପକ୍ଷରୁ ଶ୍ରୀ ହନୁମାନଙ୍କ ପୂଜା ଅନୁଷ୍ଠିତ ହେଉଛି। ଏହି ଅବସରରେ ରାଣା ପ୍ରତାପ ଆଖଡ଼ା କମିଟି ପକ୍ଷରୁ ଶ୍ରୀ ହନୁମାନଙ୍କର ପୂଜା କରାଯାଇଛି। ରାଉରକେଲା ମାଲ ଗୋଦାମ ଅଂଚଳର ଶ୍ରୀ ରାଣା ପ୍ରତାପ ଆଖଡ଼ା କମିଟି ପକ୍ଷରୁ ଶ୍ରୀ ହନୁମାନଙ୍କ ପ୍ରତିମା ପୂଜା କରାଯିବା ସହିତ ଆରତୀ କରାଯାଇଥିଲା। ରୀତିନୀତି ଅନୁଯାୟୀ ପଣ୍ଡିତଙ୍କ ଦ୍ୱାରା ଶ୍ରୀ ହନୁମାନଙ୍କ ପୂଜା କରାଯାଇଥିଲା। ଏହି ଅବସରରେ, ଶ୍ରୀ ରାଣା ପ୍ରତାପ ଆଖଡ଼ା କମିଟିର ସଭାପତି ଜିତେନ୍ଦ୍ର ଅଗ୍ରୱାଲଙ୍କ ସମେତ ବିନୋଦ ସାହୁ, ପପୁ ସାହୁ, ଦୌଲତ ସିଂହ, ଆଶା ନାଇଡୁ, ବାବୁ ତିର୍କୀ, ନୀଲ ପୋଲ, କରଣ ସିଂହ, ଲାଲଦେବ ମଣ୍ଡଳ, ରାଜ କୁନ୍ଦ୍ରା, ଶୁଭମ ସିଂହ ଏବଂ ଅନ୍ୟାନ୍ୟ କମିଟି ସଦସ୍ୟ ପ୍ରମୁଖ ଶ୍ରୀ ହନୁମାନଙ୍କ ପୂଜାରେ ଉପସ୍ଥିତ ଥିଲେ। ଚଳିତ ମାର୍ଚ୍ଚ ୨୮ରେ ଶ୍ରୀ ରାମନବମୀ ଅବସରରେ ସହରର ଆଖଡ଼ା କମିଟିମାନଙ୍କ ଦ୍ୱାରା ରାଉରକେଲା ସହରର ମୁଖ୍ୟ ମାର୍ଗରେ ଶୋଭାଯାତ୍ରା ବାହାର କରାଯିବାର କାର୍ଯ୍ୟକ୍ରମ ରହିଛି। ଶୋଭାଯାତ୍ରା ପୂର୍ବରୁ ଆଖଡ଼ା କମିଟିମାନଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ଚାଲିଛି।

ଶାନ୍ତିପୂର୍ଣ୍ଣ ରାମନବମୀ ଉତ୍ସବ ପାଳନ ପାଇଁ ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ଫ୍ଲାଗ୍ ମାର୍ଚ୍ଚ

ରାଉରକେଲା,୨୬/୩(ନି/ପ୍ର): ଚଳିତ ରାମନବମୀ ମହୋତ୍ସବକୁ ଶାନ୍ତିପୂର୍ଣ୍ଣ ତଥା ଅଘଟଣମୁକ୍ତ ପାଳନ କରିବା ପାଇଁ ରାଉରକେଲା ପୋଲିସ୍ ପକ୍ଷରୁ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପଦକ୍ଷେପ ସ୍ୱରୂପ ଆଜି ରାଉରକେଲା ପୋଲିସ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ରାଉରକେଲା ଆରକ୍ଷୀ ଅଧିକ୍ଷକ(ଏସପି) ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ବରିଷ୍ଠ

ପୋଲିସ ଅଧିକାରୀ ଏବଂ ସଶସ୍ତ୍ର ପୋଲିସ୍ ବାହିନୀର ଏକ ଦଳ ଫ୍ଲାଗ୍ ମାର୍ଚ୍ଚର ନେତୃତ୍ୱ ନେଇଥିଲେ। ଫ୍ଲାଗ୍ ମାର୍ଚ୍ଚ ସମ୍ବେଦନଶୀଳ ଏବଂ ଜନବହୁଳ ଅଂଚଳକୁ ପରିବେଷ୍ଟିତ କରିଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ରାମନବମୀ ପୂର୍ବରୁ ନାଗରିକମାନଙ୍କ ମଧ୍ୟରେ ସୁରକ୍ଷା ଭାବନା ସୃଷ୍ଟି କରିବା। ଫ୍ଲାଗ୍ ମାର୍ଚ୍ଚ ସମୟରେ, ପୋଲିସ କର୍ମଚାରୀମାନେ ସ୍ଥାନୀୟ ଜନସାଧାରଣ ଏବଂ ବ୍ୟବସାୟୀଙ୍କ ସହିତ ଆଲୋଚନା କରିଥିଲେ। ଜନସାଧାରଣଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ପାରସ୍ପରିକ ଭାବନା ସହିତ ରାମନବମୀ ଉତ୍ସବ ପାଳନ କରିବାକୁ ଅନୁରୋଧ କରଯାଇଥିଲା। ପୋଲିସ୍ କର୍ତ୍ତୃପକ୍ଷମାନେ ସାମ୍ପ୍ରଦାୟିକ ଏକତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣଙ୍କୁ ଗୁଜବ ପ୍ରଚାର କରିବା କିମ୍ବା ଶାନ୍ତି ଭଙ୍ଗ କରିବା ଭଳି ଯେକୌଣସି କାର୍ଯ୍ୟକଳାପରେ ଲିପ୍ତ ନରହିବାକୁ ଅନୁରୋଧ କରିଯାଇଥିଲା। ପୋଲିସ୍ ଅଧିକାରୀମାନେ ସୂଚନା ଦେଇଥିଲେ ଯେ, ଏହି ଫ୍ଲାଗ ମାର୍ଚ୍ଚ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ପୋଲିସର ଦୃଷ୍ଟିକୋଣକୁ ବୃଦ୍ଧି କରିବା ସହ ଉତ୍ସବ ସମୟରେ ଯେକୌଣସି ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ରୋକିବା ପାଇଁ ଏକ ବ୍ୟାପକ ରଣନୀତି ପ୍ରସ୍ତୁତିର ଅଂଶ ଥିଲା। ପର୍ଯ୍ୟାପ୍ତ ଫୋର୍ସ ମୁତୟନ ଏବଂ ୨୪ ଘଟାଂ ନଜର ରଖିବା ସହିତ ଦୁର୍ବଳ ଅଂଚଳଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ରାଉରକେଲା ପୋଲିସ ଜନସାଧାରଣଙ୍କ ସୁରକ୍ଷା ଏବଂ ଧାର୍ମିକ କାର୍ଯ୍ୟକ୍ରମଗୁଡ଼ିକର ସୁଗମ ପରିଚାଳନା ପାଇଁ ଏହାର ପ୍ରତିବଦ୍ଧତାକୁ ଦୋହରାଇଛି। ନାଗରିକମାନଙ୍କୁ ଆଇନ ପ୍ରବର୍ତ୍ତନ ସଂସ୍ଥା ସହିତ ସହଯୋଗ କରିବାକୁ ଏବଂ ନିରାପଦ ପରିବେଶ ବଜାୟ ରଖିବାରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରାଯାଇଛି।

ନାୟିକା ରାଉରକେଲା ତରଫରୁ ପଖାଳ ଦିବସ ପାଳନ

ରାଉରକେଲା,୨୬/୩: ସହରର ଅନ୍ୟତମ ମହିଳା ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ନାୟିକା ରାଉରକେଲା ତରଫରୁ ବିଶ୍ୱ ପଖାଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା କନକଲତା ଦାସଙ୍କ ଆବାହକତ୍ୱ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରଏସପି ର ପ୍ରାକ୍ତନ ମହାପ୍ରବନ୍ଧକ ନାରାୟଣ ପତି, ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର,କବି ଚିନ୍ମରଞ୍ଜନ ବ୍ରହ୍ମା,ସୁବ୍ରତା ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଖାଳ ଦିବସର ମହତ୍ୱ ଓ ଏହା କିପରି ଆମ ସାମାଜିକ ଜୀବନକୁ ପ୍ରଭାବିତ କରି ରଖିଛି, ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କିପରି ପ୍ରିୟ, ସର୍ବୋପରି ପଖାଳର ଔଷଧୀୟ ଗୁଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଓ ସଦସ୍ୟାଙ୍କ ମଧ୍ୟରେ ଦହି ପଖାଳ,ମାଛ ଭଜା,ସୁଖୁଆ ଛେଚା, ବାଇଗଣ,ପୋଟଳ ଭଜା, ସଜନା ଛୁଇଁ ଆଳୁ ଭଜା, ଛତୁ,ପଣସ କଷା, ଶାଗଭଜା,ଟମାଟର ଖଟା,କଲରା ଭଜା, ବଡ଼ିଚୁରା, ଆଳୁଭର୍ତ୍ତା, କାକୁଡ଼ି ଗାଜର ଲେମ୍ବୁ ଆଦି ପରସା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡଲିରାଣୀ ବ୍ରହ୍ମା, ଅନୁପମା, ସ୍ନେହଲତା, ପୂର୍ଣ୍ଣିମା, ନିରୁପମା, ପ୍ରଭାସିନୀ, କଲ୍ୟାଣୀ, ଅରୁନ୍ଧତୀ, ଶାନ୍ତିଲତା, ସୁଲୋଚନା,ରୁନୁ, ରିତା, ସସ୍ମିତା, ଜ୍ୟୋତ୍ସ୍ନାରାଣୀ, ରଞ୍ଜିତା, ରାଧା କୁମାରୀ, ଗୀତା, ରବିନ୍ଦ୍ରନାଥ, ଗଙ୍ଗାଧର, କୁଞ୍ଜବିହାରୀ, ଶୁଭେନ୍ଦୁ, ପ୍ରକାଶ, ରାକେଶ, ମୀନା,ତ୍ରିଷ୍ଣା, ଧନମାୟା, ଜଗନ୍ନାଥ ପ୍ରମୁଖ ଉପସ୍ଥିତ ରହି ସ୍ୱାଦିଷ୍ଟ ପଖାଳର ମଜା ଉଠାଇଥିଲେ।

ଖୁଡୁଖୁଡି ଖେଳ ଉପରେ ଚଢାଉ

ଜୟପୁର,୨୬/୩(ନି/ପ୍ର): ଖୁଡୁଖୁଡି ଖେଳ ଚାଲୁଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି । ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଜୁଆ ଖେଳ ଚାଲୁଥିବା ସୁଚନା ପାଇ ଫାମ୍ପୁଣି ହରିଜନ ସାହିରେ ଚଢାଉ କରିଥିଲା । ପୋଲିସ କୁ ଦେଖି ଜୁଆଡ଼ି ମାନେ ଚମ୍ପଟ ମାରିଥିବା ବେଳେ ଜଣକୁ ଧରିବାରେ ସଫଳ ହୋଇଥିଲା ପୋଲିସ । ୨୫୬୦ ଟଙ୍କା ଖୁଡୁ ଖୁଡି ସାମଗ୍ରୀ ଜବତ କରିଛି । ଗିରଫ ଅଭିଯୁକ୍ତ କୁ ନୋଟିସ ରେ ଛାଡିଥିବା ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

ଭଦ୍ରକ ଅଦବି ମର୍କଜ ଆନୁକୂଲ୍ୟରେ ବନ୍ଧୁମିଳନ ଓ କବି ସମ୍ମିଳନୀ

ଭଦ୍ରକ,୨୬/୩(ନି/ପ୍ର): ଭଦ୍ରକ ଅଦବି ମର୍କଜ ଆନୁକୂଲ୍ୟରୁ ପୁରୁଣା ବଜ଼ାର ସ୍ଥିତ ମଦିନା ମଇଦାନ ଠାରେ ଗତକାଲି ସନ୍ଧ୍ୟା ୭ ଘଟିକା ସମୟରେ ପ୍ୱିତ୍ର ଈଦ-ଉଲ-ଫିତର ଅବସରରେ ଏକ ବନ୍ଧୁ ମିଳନ ଓ କବି ସମ୍ମିଳନୀ ର ଆୟୋଜନା ହୋଇଯାଇଛି ଓ ଭାଇଚାରା ଭଦ୍ରକ ସହରରେ ଏକ ବନ୍ଧୁ ମିଳନ କରିବା ଓ କବି ସମ୍ମିଳନୀ କରିବା ଏକ ଐତିହାସିକ ପର୍ବ ଓ ଏହି ବନ୍ଧୁ ମିଳନରେ ଭଦ୍ରକ ରୋଟାରୀ କ୍ଲବର ସଭାପତି ତଥା ପ୍ରଧାପକ ନାସିର ବକ୍ସ ସଭାପତିତ୍ୱ ରେ ଆରମ୍ଭ ହୋଇଥିଲା । ଏହି ବନ୍ଧୁ ମିଳନରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଏସପି ମନୋଜ କୁମାର ରାଉତ,ସମ୍ମାନିତ ଅତିଥି ଭାବେ ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକ୍କୀ ଦଲଓ୍ୱାଜି ହବିବ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ରୋଟାରୀ କ୍ଲବର ଗର୍ଭନର ଇନ୍ଦ୍ରଜିତ ସାହୁ , ଅବସରପ୍ରାପ୍ତ କଲେଜ ଅଧକ୍ଷ ତଥା କବି ପବିତ୍ର ପାଣିଗ୍ରାହୀ ଯୋଗଦାନ କରି ଫୁଲତୋଡ଼ା ସହିତ ସମ୍ମାନିତ କରାଯାଇଥିଲା ।

ରନ୍ଧନ ଗ୍ୟାସ ପାଇଁ ରାସ୍ତାରୋକ୍

ସୁନ୍ଦରଗଡ,୨୬/୩(ନି/ପ୍ର): ରନ୍ଧନ ଗ୍ୟାସ ପାଇଁ ରାସ୍ତାରୋକ୍। ସୁନ୍ଦରଗଡ ସହରରେ ଏପରି ସ୍ଥିତି ଦେଖିବାକୁ ମିଳିଛି । ସୁନ୍ଦରଗଡ ସହର ବାଇପାସ୍ ରାସ୍ତାରେ ଥିବା ଇଣ୍ଡେନ ଗ୍ୟାସ ଗୋଦାମ ନିକଟରେ ରାସ୍ତାରେ ସିଲିଣ୍ଡର ରଖି ଲୋକ ରାସ୍ତା ଅବରୋଧ କରିଛନ୍ତି । ଲୋକଙ୍କ କହିବା କଥା ଯେ ଗତ ୪ ଦିନ ହେଲା ଗ୍ୟାସ ମିଳୁନାହିଁ । ପ୍ରତିଦିନ କିଏ ସକାଳ ୪ଟା ରୁ ତ କିଏ ୫ ଟାରୁ ଆସି ଗ୍ୟାସ ପାଇଁ ଜଗୁଛନ୍ତି । ପ୍ରତିଦିନ ଖାଲି ହାତରେ ଫେରିବା ଯୋଗୁଁ ଆଜି ଅସନ୍ତୋଷ ପ୍ରକାଶ ପାଇବା ସହ ଉନ୍ମ୍ୟକ୍ତ ଲୋକେ ୧୦ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି । ଫଳରେ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଛି । ଗ୍ୟାସ ନମିଳିବା ଯାଏଁ ରାସ୍ତାରୋକରୁ ହଟିବୁ ନାହିଁ ବୋଲି କହିଛନ୍ତି ଖାଉଟି । ସ୍ଥିତି ଏମିତି ହୋଇଯାଇଛି ଯେ ଘରେ ଆଉ ଗ୍ୟାସ ଚୁଲି ବନ୍ଦ ହୋଇଯାଇଛି । ତେବେ ପୁଲିସ ଆସି ଗୋଟିଏ ପାର୍ଶ୍ୱ ରାସ୍ତା ଖାଲି କରିଥିଲେ। କିନ୍ତୁ ଲୋକେ ପୁଣି ସେ ରାସ୍ତାରେ ଗ୍ୟାସ ସିଲିଣ୍ଡର ରଖି ବସି ଯାଇଛନ୍ତି ।

ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷର ପାଦଚିହ୍ନ ଛାଡିଯିବାକୁ ଆରଏସପିର ପ୍ରାକ୍ତନ ସିଇଓ ଶ୍ରୀ ଦୀପକ ଚଟ୍ଟରାଜଙ୍କ ପରାମର୍ଶ

ରାଉରକେଲା,୨୬/୩(ନି/ପ୍ର):"ଜୀବନର ପ୍ରତ୍ୟକ କ୍ଷେତ୍ରରେ ଉତ୍କର୍ଷର ପାଦଚିହ୍ନ ଛାଡିଯିବାକୁ", ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ରାକ୍ତନ ସିଇଓ ଶ୍ରୀ ଦୀପକ ଚଟ୍ଟରାଜ କାରଖାନା ସାମୂହିକଙ୍କୁ ପରାମର୍ଶ ଦେଇଛନ୍ତି। ଶ୍ରୀ ଚଟ୍ଟରାଜ ମାର୍ଚ୍ଚ ୨୪ ତାରିଖ ଦିନ ଆରଏସପି ଅନ୍ତର୍ଗତ ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଅଭିଜ୍ଞତା ବାଂଟିଥିଲେ। ଏହି ଅବସରରେ ଏମ୍ ଡି-ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି. ଆର. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ୍ ପି ସିଂହଙ୍କ ସହ କାରଖାନାର ବହୁ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ଚଟ୍ଟରାଜ ସିଇଓ ଭାବରେ, କୋଭିଡ୍-୧୯ ମହାମାରୀ ସମୟରେ ତାଙ୍କ କାର୍ଯ୍ୟକାଳ ଏକ ଅଭୂତପୂର୍ବ ଆହ୍ୱାନ ଥିଲା ବୋଲି ଉଲ୍ଲେଖ କରି, ଆର୍ ଏସ୍ ପି ସାମୂହିକ କିପରି ସବୁ ପ୍ରତିକୂଳତାକୁ ସଫଳତାରେ ପରିଣତ କରିଥିଲେ ସେ ସମ୍ବନ୍ଧରେ ବିସ୍ତୃତ ଭାବରେ କହିଥିଲେ । ସେ ଆଉ ମଧ୍ୟ ବିଶ୍ୱ ସଙ୍କଟ ସତ୍ତ୍ୱେ, କାରଖାନା କେବଳ ନୂତନ ଉତ୍ପାଦନ ମାନଦଣ୍ଡ ସ୍ଥାପନ କରିନଥିଲା ବରଂ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲା ବୋଲି ଉଲ୍ଲେଖ କରିଥିଲେ। ସେହି ସମୟରେ ଜଟିଳ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନାଗତ ବାଧାଗୁଡ଼ିକୁ ଦୂର କରିବା ପାଇଁ କିପରି ଅଣପାରମ୍ପରିକ ରଣନୀତି ଅତ୍ୟାବଶ୍ୟକ ଥିଲା ସେ ତାହା ବ୍ୟାଖ୍ୟା ମଧ୍ୟ କରିଥିଲେ। ସେ ଏହି ଅବସରରେ ଅଧିକାରୀଙ୍କୁ ଦୃଢ଼ ମନୋଭାବ ଏବଂ ନିରନ୍ତର ଶିକ୍ଷା ପ୍ରତି ପ୍ରତିବଦ୍ଧତାର ସହ ନେତୃତ୍ୱ ନେବାକୁ ଉତ୍ସାହିତ କରିବା ସହ

ଆତ୍ମବିଶ୍ୱାସ, ନିଷ୍ଠା ଏବଂ କାରଖାନାର ଉନ୍ନତି ପ୍ରତି ଏକାତ୍ମ ଭାବନା ହେଉଛି ପରିବର୍ତ୍ତନକାରୀ ନେତୃତ୍ୱର ପ୍ରମୁଖ ଲକ୍ଷଣ ବୋଲି ଉଲ୍ଲେଖ କରିଥିଲେ। ସାଂପ୍ରତିକ ସ୍ଥିତି ର ଏକ ଚିନ୍ତନାତ୍ମକ ବିଶ୍ଳେଷଣରେ, ଶ୍ରୀ ଚଟ୍ଟରାଜ ଭୂ-ରାଜନୈତିକ ପ୍ରେକ୍ଷାପଟ ଓ ବିଶ୍ୱ ଇସ୍ପାତ ଶିଳ୍ପ ଏବଂ ଆର ଏସ ପି ର ରଣନୈତିକ ସ୍ଥିତି ଉପରେ ମଧ୍ୟ ଆଲୋଚନା କରିଥିଲେ। ତାଙ୍କ ଅଭିଭାଷଣ ଅନ୍ତେ, ସେ ଆରଏସପିକୁ ଏକ ମହାନ କର୍ମ ସଂସ୍ଥାନ ଭାବରେ ପ୍ରଶଂସା କରି, କାରଖାନା ଏବଂ ଏହାର କର୍ମଚାରୀଙ୍କ ନିରନ୍ତର ସମୃଦ୍ଧି ପାଇଁ ଶୁଭକାମନା ଜଣାଇଥିଲେ। ଅଭିଜ୍ଞତା ଆଦାନ ପ୍ରଦାନ ଅଧିବେଶନ ଜ୍ଞାନର୍ଜନ ଓ ବିକାଶ ବିଭାଗର ଜିଏମ ଶ୍ରୀ ହୃଦାନନ୍ଦ ପତିଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହୋଇଥିଲାବେଳେ ବିଭାଗର ଜିଏମ ଶ୍ରୀ ପି କେ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।